

# ଭୁବନେଶ୍ୱର ସିଟି

# ଗାଈ ଉଠାଇନେଲା; ଆଉ ଫେରାଉନି

ଭୁବନେଶ୍ୱର, ୨୧।୨(ସମିସ):



ରାସ୍ତାରେ ବୁଲୁଥିବା ଗାଈକୁ ବିଏମ୍‌ସି ଉଠାଇ ନେଉଛି। ଆଉ ଦେଉନାହିଁ। ସିଧା ନେଇ ଗୋଶାଳାରେ ଛାଡ଼ି ଦେଉଛି। ଆଜି ଆସ, କାଲି ଆସ। କଚେରୀ ଭଳି ତାରିଖ ପରେ ତାରିଖ ଦେଉଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଗାଈ ରାସ୍ତାକୁ ଛାଡ଼ିଥିବାରୁ ଦୁଇଗୁଣା ଟଙ୍କା ଦେବାକୁ

- ବିଏମ୍‌ସି କାର୍ଯ୍ୟାଳୟରେ ଗୋପାଳକଙ୍କ ଭିଡ଼
- ପ୍ରମାଣପତ୍ର ନ ଥିଲେ ଗୋରୁ ଦିଆଯିବ ନାହିଁ: ବିଏମ୍‌ସି

ମଧ୍ୟ ରାଜି ଅଛନ୍ତି ପଶୁପାଳକ। ହେଲେ ବିଏମ୍‌ସି କାର୍ଯ୍ୟାଳୟରେ ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗୋପାଳକ। ଏଯାଏ ଗୋପାଳକ ତାଙ୍କ ଗୋରୁ ଫେରିପାଇବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇପାରୁ ନାହିଁ। ଦୌଡ଼ି ଦୌଡ଼ି ଚପଲ ଘୋରି ହେଉ ଯାଉଛି, ହେଲେ ଗାଈ ମିଳିବା ନେଇ ମିଳୁଛି କେବଳ ପ୍ରତିଶ୍ରୁତି। ଗାଈ ନେବା ପାଇଁ ପଶୁପାଳକଙ୍କ ବିଏମ୍‌ସି କାର୍ଯ୍ୟାଳୟରେ ଭିଡ଼ ଲଗାଉଛନ୍ତି। କାହାର ୭ଟା ଗାଈ ପୁଣି କାହାର ୨ଟା ଆଉ କାହାର ଗୋଟିଏ ଗାଈ ବିଏମ୍‌ସି ଗୋଶାଳାରେ ବନ୍ଧାପଡ଼ିଛି। ଯେତେ ଚେଷ୍ଟା କଲେ ମଧ୍ୟ ପଶୁପାଳକଙ୍କୁ ତାଙ୍କ ଗାଈ ମିଳି ପାରୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ଏଭଳି ହଟହଟା ହେବା ପରେ ରାସ୍ତାକୁ ଅବାଧ ଗୋରୁ ଛାଡୁଥିବା ପଶୁପାଳକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।

୧୫ ଜାନୁଆରୀ ପରେ ଠାରୁ ଯଦି କୌଣସି ଗୋରୁ ଅର୍ଥାତ୍ ଗାଈ, ଷଣ୍ଢ, ମଇଁଷି ରାସ୍ତାରେ ବୁଲୁଥିବାର ଦେଖିବାକୁ ମିଳେ ତେବେ ବିଏମ୍‌ସି ତାହାକୁ ସିଧା ଉଠାଇନେବ ବୋଲି ଚେତାବନୀ ଦେଇଥିଲା। ଥରେ ଗୋରୁ ଧରିବା ପରେ ତାହାକୁ ଆଉ ସମ୍ପୃକ୍ତ ମାଲିକଙ୍କୁ ଫେରାଯିବ ନାହିଁ। କେବଳ ଦୁହାଁଳିଆ ଗାଈଙ୍କ କ୍ଷେତ୍ରରେ ନିୟମକୁ କିଛିଟା କୋହଳ କରାଯିବ ବୋଲି କୁହାଯାଇଥିଲା। ଏନେଇ ବିଏମ୍‌ସି ଏକ ଏସ୍‌ଓପି ଜାରି କରିଥିଲା। ମାତ୍ର ଏଥିପାଇଁ ଗାଈ ମାଲିକଙ୍କୁ ବିଏମ୍‌ସିକୁ ମୋଟା ଅଙ୍କର ଜରିମାନା ଦେବାକୁ ପଡ଼ିବ। ଯେଉଁମାନେ ଦୁହାଁଳିଆ ଗାଈକୁ ବିଏମ୍‌ସିଠାରୁ ନେବାକୁ ଚାହିବେ ସେମାନେ ବିଏମ୍‌ସି ଖର୍ଚ୍ଚ କରିଥିବା ଟଙ୍କାର ଦୁଇଗୁଣା ପୈଠ କରିବା ପରେ ହିଁ ଗାଈକୁ ନେବେ। ସେହିପରି ଗାଈ ଫେରସ୍ତ ନେବାବେଳେ ସେମାନଙ୍କୁ ଉପଯୁକ୍ତ ପ୍ରମାଣ ଯେପରିକି ଗାଈ ସହ ତାଙ୍କର ପୂର୍ବରୁ ନିଆଯାଇଥିବା ଫଟୋ, ଗାଈର ଇୟର ଟ୍ୟାଗ, ରଙ୍ଗ କିମ୍ବା ଅନ୍ୟ କୌଣସି ପ୍ରମାଣ ପୈଠ କରିବାକୁ ପଡ଼ିବ। ହେଲେ ଅଧିକାଂଶ ପଶୁପାଳକଙ୍କ ପାଖରେ ତାଙ୍କ ଗୋରୁଙ୍କ ପ୍ରମାଣପତ୍ର ନାହିଁ। ଫଳରେ ସେମାନେ ହଇରାଣ ହେଉଛନ୍ତି। ବିନା ପ୍ରମାଣପତ୍ରରେ କାହାରିକୁ ଗାଈ ଦିଆଯିବ ନାହିଁ ବୋଲି ବିଏମ୍‌ସି ସ୍ପଷ୍ଟ କରିଛି।

ସୂଚନାଯୋଗ୍ୟ, ୨୦୨୩ ହକି ବିଶ୍ୱକପ୍ ସମୟରେ ରାଜଧାନୀ ରାସ୍ତାଘାଟରେ ବୁଲୁଥିବା ଗୋରୁ ଉଠାଇନେବା ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। ମାର୍ଚ୍ଚ ବେଳକୁ ୧୭ ଶହରୁ ଅଧିକ ବୁଲା ଗୋରୁଙ୍କୁ ରାସ୍ତାରୁ ଉଠାଇ ଗୋଶାଳାରେ ଭର୍ତ୍ତି କରିଥିଲା ବିଏମ୍‌ସି। ଏବେ ବିଏମ୍‌ସି ପକ୍ଷରୁ ୪ ଏଜେନ୍ସି ମାଧ୍ୟମରେ ପ୍ରତ୍ୟେକ ଦିନ ୧୦ରୁ ୧୫ ଗାଈ ଉଠାଯାଉଛି। ଆଗାମୀ ଦିନରେ ଗାଈକୁ ଉଠାକାର୍ଯ୍ୟ ଜୋର୍‌ଦାର କରାଯିବ ବୋଲି କୁହାଯାଇଛି। ଆଗାମୀ ଦିନରେ ୪୦ରୁ ଊର୍ଦ୍ଧ୍ୱ ଗୋରୁ ଉଠାଯିବ। ଏମାନଙ୍କୁ ଜାମୁକୋଲିର କୃଷ୍ଣ ଗୋଶାଳା, ଜଟଣୀର ମ୍ୟୁନିସିପାଲଟି ଗୋଶାଳା, ଇନ୍‌ଫୋସିଟି-୨ର ଗୋକୁଳ ବିହାର ଗୋଶାଳା ଏବଂ ବ୍ରହ୍ମଗିରି ସ୍ଥିତ ଗୋଶାଳାକୁ ପଠାଇ ଦିଆଯାଉଛି। ସେପଟେ ଖୋଲାରେ ଗୋରୁ ବୁଲିବା ଦ୍ୱାରା ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଲୋକେ ଖଣ୍ଡିଆ ଖାବରା ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତାକଡରେ ଥିବା ଲକ୍ଷାଧିକ ଟଙ୍କାର ସବୁଜ ସୌନ୍ଦର୍ଯ୍ୟକରଣକୁ ଗୋରୁ ନଷ୍ଟ କରି ଦେଉଛନ୍ତି। ଏଥିପାଇଁ ବିଏମ୍‌ସି ପ୍ରଥମେ ସଚେତନ କଲା। ପାରେ ଚେତାବନୀ ଦେଲା। ଏବେ ବିଏମସି ନିୟମକୁ କଡ଼ାକଡ଼ି କରାଯାଇଛି ବୋଲି ଜାଣେ ଅଧିକାରୀ କହିଛନ୍ତି।

## ବିଦେଶିନୀଙ୍କୁ ଅସଦାଚରଣ ବନ୍ଧାହେଲେ ସେବାୟତ

**ଭୁବନେଶ୍ୱର, ୨୧।୨(ସମିସ):** ବିଦେଶିନୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ସେବାୟତକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ସେବାୟତ ହେଲେ କୁଣ୍ଡୁ ମହାପାତ୍ର। ପୂର୍ବରୁ ବି ସେ ସମାନ୍ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲା। ପୁଲିସର କହିବା କଥା, ଗତ ୧୯ ତାରିଖରେ ସ୍ୱିଡେନ୍‌ର ଜଣେ ମହିଳା ଓଡ଼ିଶା ବୁଲି ଆସିଥିବା ବେଳେ ଲିଙ୍ଗରାଜ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ। ସେଠାରେ ସେବାୟତ କୁଣ୍ଡୁ ମହାପାତ୍ରଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେବାୟତ ଜଣକ ତାଙ୍କୁ ପାର୍ଶ୍ୱ ମନ୍ଦିର ବୁଲାଇ ଦେବାକୁ କହି ନିଛାଟିଆ ସ୍ଥାନରେ ଥିବା ଏକ ମନ୍ଦିରକୁ ନେଇଥିଲେ। ସେଠାରେ ସେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ତୁରନ୍ତ ମହିଳାଙ୍କୁ କାଉନ୍‌ସେଲିଂ କରିବା ପରେ ବିଚାରପତିଙ୍କ ସାମ୍ନାରେ ତାଙ୍କର ବୟାନ ରେକର୍ଡ କରାଯାଇଛି। ଶ୍ରୀଲିଙ୍ଗରାଜ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ କମିସନରେଟ ପୁଲିସ ବେଶ୍ ଯତ୍ନଶୀଳ। ବିଭିନ୍ନ ମନ୍ଦିର ତଥା ଐତିହ୍ୟ ପୀଠରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡାକଡି କରାଯିବ ତଥା ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦିଆଯିବ। ଘଟଣା ସମ୍ପର୍କରେ ପୂଜକ ସଂଘ ଓ ମନ୍ଦିର ପ୍ରଶାସନ ସହ ଆଲୋଚନା କରିବେ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଆତଙ୍କ ସୃଷ୍ଟି କରିଥିବା ୫ ଗିରଫ

**ଭୁବନେଶ୍ୱର, ୨୧।୨(ସମିସ):** ଇନ୍ଦ୍ରଧନୁ ମାର୍କେଟ୍‌ରେ ଖଣ୍ଡା ଧରି ଆତଙ୍କ ଖେଳାଇବା ସହ ଲୁଟ୍‌ପାଟ୍ କରୁଥିବା ୨ ଲୁଟେରାଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ସେମାନେ ହେଲେ ଗଡ଼ସାହିର ସଞ୍ଜୟ ଖୁଣ୍ଟିଆ ଓ ସୁମନ ପରିଡ଼ା। ସେମାନଙ୍କ ଠାରୁ ବାଇକ, ମାରଣାସ୍ତ୍ର ଓ ଟଙ୍କା ଜବତ ହୋଇଛି। ଗତ ୧୮ ତାରିଖ ରାତିରେ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ଆକ୍ରମଣ କରି ୫ହଜାର ଟଙ୍କା ଲୁଟି ନେଇଥିଲେ। ସେହିଭଳି ହୋଟେଲ ମାଲିକଙ୍କୁ ବଟି ମାଗିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଫାଳିକିଆ ବସ୍ତିର ଡି. ସୀମାଞ୍ଚଳକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ପୂର୍ବରୁ ଜଣକୁ ପୁଲିସ ଗିରଫ କରିଥିବା ବେଳେ ସୀମାଞ୍ଚଳ ଫେରାର୍ ହୋଇଯାଇଥିଲା। ବୁଧବାରି ଗଞ୍ଜାମରୁ ସୀମାଞ୍ଚଳକୁ କାବୁ କରିଛି ପୁଲିସ। ଅନୁରୂପ ଭାବେ ନିର୍ମାଣାଧୀନ କୋଠାରୁ ଶ୍ରମିକଙ୍କୁ ମାଡ଼ ମାରି ଲୁଟ୍ କରୁଥିବା ଲୁଟେରା ରାଜୀବ ବରଡ଼କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ସେପରି ମଞ୍ଚେଶ୍ୱରରେ ଛୁରାମାଡ଼ କରି ଲୁଟ୍‌ପାଟ୍ କରୁଥିବା ଜଣେ ଲୁଟେରାକୁ ଗିରଫ କରିଛି ପୁଲିସ।

### ଜେଲରୁ ନିଶା କାରବାର ଅପରେଟ୍, ଲାଗିବ ଅଙ୍କୁଶ

## ଜେଲ୍‌ରେ ଚଢ଼ଉ ପାଇଁ ଖସଡ଼ା ପ୍ରସ୍ତୁତ

**ଭୁବନେଶ୍ୱର, ୨୧।୨(ସମିସ):** ଜେଲଗୁଡ଼ିକରେ ନିଶା କାରବାର ବଢ଼ିଚାଲିଛି। ଖୋର୍ଦ୍ଧା ଜେଲ୍‌ରୁ ବ୍ରାଉନ୍‌ସୁଗର୍ କାରବାର ଅପରେଟ୍ ହେଉଥିବା ନେଇ ବଡ଼ ଖୁଲାସା ହୋଇଛି। ଜେଲରେ ନିଶା ବେପାର କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୬ଜଣ ଗିରଫ ହେବା ପରେ ଏହି ଘଟଣାକୁ ନେଇ ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ଜେଲରେ ନିଶା କାରବାର ବୃଦ୍ଧି ହେଉଥିବା ନେଇ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। ତେଣୁ ପୁଲିସ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜେଲରେ ଅଚାନକ ଚଢ଼ଉ କରିବାକୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିଲାଗି ବିଭିନ୍ନ ଜିଲ୍ଲାର ଏସ୍‌ପି ଓ ଦ୍ୱୈତନଗରୀର ଡିସିପିଙ୍କୁ ଆଗୁଆ ସତର୍କ ହେବାକୁ କୁହାଯାଇଛି। ଏସ୍‌ପି କିମ୍ବା ଡିସିପି ଏକ ସତନ୍ତ୍ର ଟିମ୍ ଗଠନ କରିବେ। ସେଇ ଟିମ୍ ନିଜ ଅଞ୍ଚଳରେ ରହିଥିବା କାରାଗାର ଗୁଡ଼ିକରେ ଅଚାନକ ଚଢ଼ଉ କରିବ। ସେହିପରି ବିଚାରପତିଙ୍କ ନିର୍ଦ୍ଦେଶରେ ବି ଏକ ଟିମ୍ ଜେଲଗୁଡ଼ିକୁ ଅଚାନକ ଚଢ଼ଉ କରି ନିଶାଦ୍ରବ୍ୟ ଜବତ କରିବା ଆଗରୁ ପ୍ରମାଣ ବି ରହିଛି।

ଏହି କ୍ରମରେ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ବି ବଡ଼ଧରଣ ଚଢ଼ଉ କରିବାକୁ ପ୍ରସ୍ତୁତ ହେଉଛି କମିସନରେଟ ପୁଲିସ। ଜେଲ ପରେଡ୍‌କୁ ଗୁରୁତ୍ୱ ଦିଆଯାଉଥିବାରୁ ଜେଲ୍‌ରେ ଅପରାଧୀଙ୍କ ସଂଖ୍ୟା ହ୍ରାସ ପାଇଛି। ସେଇ ଅନୁଯାୟୀ, ଜେଲରେ ଅଚାନକ ଚଢ଼ଉ ଫଳରେ ନିଶା କାରବାର ନେଇ ଆସୁଥିବା ଅଭିଯୋଗ ଉପରେ ସତ୍ୟତା ପଦାକୁ ଆସିବ। ଅନୁରୂପ ଭାବେ ପୂର୍ବରୁ ବି ଝାରପଡ଼ା ଜେଲରେ ଚଢ଼ଉ କରି ନିଶାଦ୍ରବ୍ୟ ସହ ମୋବାଇଲ ଫୋନ୍ ଓ ସିମ୍‌କାର୍ଡ ଜବତ ହୋଇଥିଲା।

ରାଜ୍ୟରେ ୯୨ଟି ଜେଲରେ ଏବେ ୧୮ ହଜାର ୯୬୨ଜଣ କଏଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବହୁଥର ଗିରଫ ହୋଇ ଜେଲ ଯାଇଥିବା କିଛି କଏଦୀ ଥିବା ବେଳେ ଆଉ କିଛି ପେସାଦାର ଅପରାଧୀ ରହିଛନ୍ତି। ଏଥିସହିତ ସଜା ଭୋଗୁଥିବା କିଛି କୁଖ୍ୟାତ ଅପରାଧୀ ଦୀର୍ଘ ଦିନ ଜେଲ୍‌ରେ ରହିବା ପରେ ନିଶା କାରବାର ନେଟ୍‌ୱାର୍କ ଚଳାଇଛନ୍ତି। ଏହି ସାମ୍ରାଜ୍ୟ ଫଳରେ ଅନାୟାସରେ ଜେଲ ଭିତରକୁ ନିଶା ପଶୁଛି। ଏହି ନିଶା କାରବାର ପଛରେ ଜେଲର କର୍ମଚାରୀଙ୍କ ପଛଦପଟ ଭୂମିକା ରହିଛି। ଜେଲ ସୁରକ୍ଷା ଦାୟିତ୍ୱରେ ରହିଥିବା କର୍ମଚାରୀ ହାତଗୁଞ୍ଜା ନେଇ ନିଶାଦ୍ରବ୍ୟ ଭିତରକୁ ପ୍ରବେଶ କରୁଥିବାର ଅଭିଯୋଗ ରହିଥାଏ। ଏହାକୁ ଯାଞ୍ଚ କରିବା ଲାଗି ଏସ୍‌ପିଙ୍କ ନିର୍ଦ୍ଦେଶରେ କ୍ଷେତ୍ରସ୍ତରୀୟ ଜେଲରେ ପହଞ୍ଚି ଯାଞ୍ଚ କରିଥାନ୍ତି।

## 'ଗଭୀର ଅନୁଭୂତି ଓ ଅଭିଜ୍ଞତା ନଥିଲେ କବିତା ଲେଖିହୁଏ ନାହିଁ'

**ଭୁବନେଶ୍ୱର, ୨୧।୨(ସମିସ):** ବିଶ୍ୱ ମାତୃଭାଷା ଦିବସ ଅବସରରେ ରାଜ୍ୟ ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ କବିତା ସଂକଳନ 'ସବ୍ୟସାଚୀର ଶବ୍ଦ' ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ଭାରତୀୟ ବିଦ୍ୟାଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ପୁସ୍ତକ ଉନ୍ମୋଚନ କରିଥିଲେ। ଶ୍ରୀ ମହାପାତ୍ର କହିଥିଲେ ଯେ, ଅତନୁଙ୍କ କବିତାରେ ତିନୋଟି ମୁଖ୍ୟ କଥା ରହିଛି- ତାଙ୍କ ବାପା, ବୋଉ ଏବଂ ଚିତ୍ରୋତ୍ପଳା ନଦୀ। 'ସବ୍ୟସାଚୀର ଶବ୍ଦ' ଅନୁଭୂତିର କବିତା ବୋଲି ଦର୍ଶାଇ ସେ କହିଥିଲେ ଯେ, ଗଭୀର ଅନୁଭୂତି ଓ ଅଭିଜ୍ଞତା ନଥିଲେ କବିତା ଲେଖିହୁଏ ନାହିଁ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର କହିଥିଲେ ଯେ, ଅତନୁଙ୍କ କବିତାରେ କାରୁଣ୍ୟର ସ୍ୱର ରହିଛି। ସେ ଆହୁରି ଲେଖନ୍ତୁ ବୋଲି ଶ୍ରୀମତୀ ମିଶ୍ର ଉପଦେଶ ଦେଇଥିଲେ। ଲେଖକ ଅତନୁ ସବ୍ୟସାଚୀ ନିଜ କବିତା ରଚନା ଉପରେ ଆଲୋକପାତ କରି କହିଥିଲେ ମୋ ବୋଉ ମୋ ପ୍ରେରଣା। ମତେ ସେ ହିଁ କଲମ ଧରେଇଛନ୍ତି। ବିଶିଷ୍ଟ ସାହିତ୍ୟି ଡ. ଗୌରହରି ଦାସ ସଭାପତିତ୍ୱ କରିଥିବା ବେଳେ ପ୍ରାରମ୍ଭରେ ପୁସ୍ତକର ପ୍ରକାଶକ ବ୍ଲାକ୍ ଈଗଲ ବୁକ୍ସ ପକ୍ଷରୁ ଅଶୋକ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ନିଳୟକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଶତ୍ରୁଜିତ୍ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀ ମିଶ୍ରଙ୍କ ସମେତ ବହୁ ଲେଖକ, ରାଜନେତା, ଲେଖକଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

**'ସବ୍ୟସାଚୀର ଶବ୍ଦ' ପୁସ୍ତକ ଉନ୍ମୋଚିତ**



ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକକର୍ମୀ ପ୍ରଦୀପ କୁମାର ଦେହୁରୀଙ୍କୁ ଭଞ୍ଜ କଳାମଣ୍ଡପରେ 'ଶ୍ରୁତି' ସେବା ସମ୍ମାନରେ ସମ୍ମାନିତ କରାଯାଉଛି।

## ଧରାପଡ଼ିଲେ ୧୦ ନିଶା ବେପାରୀ

**ଭୁବନେଶ୍ୱର, ୨୧।୨(ସମିସ):** ଚୋରା ମଦ କାରବାର ଉପରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଜାରିରହିଛି। ଭରତପୁର ଥାନା ଫୁଲେଶ୍ୱରୀ ବସ୍ତି ଓ ରାଜଭବନ ଛକରେ ଚଢ଼ଉ କରି ୭ଜଣଙ୍କୁ ଗିରଫ କରିଛି ଅବକାରୀ ୟୁନିଟ୍। ସେମାନେ ହେଲେ ମୁନ୍ନା ସାହୁ, ସ୍ୱରୂପ ଦାସ, ଶିବରାମ ପରିଛା, ମହିନ୍ଦ୍ର ସିଙ୍କୁ, ବାବୁଲି ପାତ୍ର, ମିଟା ମହାପାତ୍ର ଓ ନନ୍ଦନୀ ଜେନା। ସେମାନଙ୍କ ଠାରୁ ୨୦୦ ଲିଟର ମଦ, ଅଟୋ ଓ ଗୋଟିଏ ସ୍କୁଟି ଜବତ ହୋଇଛି। ସେହିପରି କମିସନରେଟ ପୁଲିସ ରାକେଶ ପାତ୍ର, ସମୀର ଦାସ ଓ ମିଥୁନ ନାୟକକୁ ଗିରଫ କରିବା ସହ ୪୦ ଲିଟର ମଦ ଜବତ ହୋଇଛି।

## ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ପରଲୋକ



**ଭୁବନେଶ୍ୱର, ୨୧।୨(ସମିସ):** ଈଟିଭି ଭାରତର ଭିଡିଓ ଜର୍ଣ୍ଣାଲିଷ୍ଟ ମନୋରଞ୍ଜନ ସାହୁ (୪୯)ଙ୍କ ଅକାଳ ଅକାଳ ବିୟୋଗ ଘଟିଛି। ଗତ ଦୁଇଦିନ ହେବ ଶରୀର ଅସୁସ୍ଥ ଥିବା ଯୋଗୁଁ କାର୍ଯ୍ୟରେ ଯୋଗ ଦେଇନଥିଲେ। ଆଜି ହଠାତ୍ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ଯୋଗୁଁ ଆଜି ପ୍ରାୟ ୨:୩୦ ସମୟରେ ୪୯ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କ ଅକାଳ ବିୟୋଗକୁ ନେଇ ପରିବାରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁକୁ ନେଇ ଓଡ଼ିଶାର ଗଣମାଧ୍ୟମ ଜଗତରେ ବି ଶୋକରଛାୟା ଖେଳିଯାଇଛି। ତାଙ୍କର ଆବର୍ତ୍ତମାନରେ ସାମ୍ବାଦିକତା ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି।

## ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ଦାବି

**ଭୁବନେଶ୍ୱର, ୨୧।୨(ସମିସ):** ସାଲିଆସାହିରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବା ଦାବିରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଲିଆସାହି ଆଞ୍ଚଳିକ କମିଟି ପକ୍ଷରୁ ସ୍ଥାନୀୟ ଆଦିବାସୀ ଗାଁ ଫୁଟବଲ ପଡ଼ିଆଠାରେ ଜଙ୍ଗଲ ଅଧିକାର ଆଇନ ତୁରନ୍ତ କାର୍ଯ୍ୟକାରୀ କରିବା, ୨୦୦ଫୁଟିଆ ରାସ୍ତାର ୨୦୧୭ ବିଡିଏ ଦ୍ୱାରା ମୋଡିଫିକେଶନ ନକ୍ସାକୁ ପରିବର୍ତ୍ତନ କରିବା, ୨୦୧୦ର ଖଡ଼ଗପୁର ଆଇଆଇଟି ଦ୍ୱାରା ପ୍ରସ୍ତୁତ ଭିଜନ ୨୦୩୦ର ପୂର୍ବ ପ୍ରସ୍ତାବିତ ନକ୍ସା ଅନୁସାରେ ଏକାମ୍ର କାନନ ଭିତରେ ସୁଗମ ରାସ୍ତା ନିର୍ମାଣ କରି ସରକାରୀ ଅର୍ଥ ଅପବ୍ୟୟ ରୋକିବା, ସାଲିଆସାହିର ନେତୃବୃନ୍ଦଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରିବା ପ୍ରମୁଖ ଦାବିରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଲିଆସାହିରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀମାନେ ବସବାସ କରି ଆସୁଅଛନ୍ତି। ସରକାର ଏହି ସମୟ ଭିତରରେ ଭରତପୁର, ଶିଖରଚଣ୍ଡୀ, ନୀଳାଦ୍ରି ବିହାର ପ୍ରମୁଖ ଜାଗାରେ ଜମିପଟା ଦେଇ ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିଛନ୍ତି। ଏହାପରେ ବାଲ୍ମିକୀ ଆମ୍ବେଦକର ଯୋଜନା, ଧରାଭୀ ମଡେଲ, ଜବାହରଲାଲ ନେହେରୁ ସହରାଞ୍ଚଳ ନବୀକରଣ ଯୋଜନା, ରାଜୀବ ଆବାସ ଯୋଜନା ଜାଗା ନାମରେ ଗଣ୍ଡା ଗଣ୍ଡା ଯୋଜନା କରାଯାଇଥିଲେ ମଧ୍ୟ ସାଲିଆସାହିରେ କୌଣସି ଯୋଜନା କାର୍ଯ୍ୟକାରୀ କରାଗଲା ନାହିଁ। ଏହି ସମାବେଶରେ ସିପିଆଇ ଏମ୍‌ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ବିଜେପିର ରାଜ୍ୟ ନେତା ଦିଲ୍ଲୀପ ମହାନ୍ତି, କଂଗ୍ରେସର ରାଜ୍ୟ ନେତା ଶିବାନନ୍ଦ ରାୟ, ସିପିଆଇର ରାଜ୍ୟ ନେତା ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ଅଞ୍ଚଳରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା'

**ଭୁବନେଶ୍ୱର, ୨୧।୨(ସମିସ):** ଭୁବନେଶ୍ୱର ମହାନଗ ନିଗମ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରପଡ଼ା ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୩୨ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀଧର ଜେନା, ୪୨ ନମ୍ବର ୱାର୍ଡ କର୍ପୋରେଟର ଆଶିଷ ପଟ୍ଟନାୟକ, ୪୩ ନମ୍ବର ୱାର୍ଡ କର୍ପୋରେଟର ଭରତ ଲେଙ୍କା, ବରିଷ୍ଠ ନାଗରିକ ତ୍ରିନାଥ ବାବୁ, ମିଶନ ଶକ୍ତି ମହାସଂଘର ସଭାନେତ୍ରୀ ଶାଶ୍ୱତି ଲେଙ୍କା, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନତିମୂଳକ କାମ ସମ୍ପର୍କରେ ଅବଗତ କରାଇବା ସହ ଆଗାମୀ ଦିନରେ ଭୁବନେଶ୍ୱରକୁ ଦେଶର ଏକ ନମ୍ବର କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ। ରାସ୍ତାଘାଟ, ଡ୍ରେନ, ଜଳାଶୟ, ଧର୍ମାନୁଷ୍ଠାନ, ପାର୍କ, ଖେଳ ପଡ଼ିଆ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଆଦିର ଉନ୍ନତି କରାଯାଉଛି। ଆଉ ସେହି ସବୁ କାମ କିପରି ଭାବେ ମାଆମାନଙ୍କ ଦ୍ୱାରା କରାଯାଉଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନୂଆପଲ୍ଲୀଠାରେ ଅନୁଷ୍ଠିତ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଭୁବନେଶ୍ୱରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି।

### ୨୬ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ

# ଦ୍ୱୈତ ନଗରୀରେ ୫୦୪ ନୂଆ କନେଷ୍ଟବଳ

ଭୁବନେଶ୍ୱର, ୨୧।୨(ସମିସ):

ସପ୍ତମ ବାଟାଲିଅନ ପରିସରରେ ୨୬ତମ ବ୍ୟାଚ୍‌ର କନେଷ୍ଟବଳଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଗତ ୯ ମାସ ଧରି ଉଚ୍ଚକୋଟୀର ପ୍ରଶିକ୍ଷଣ

- ଭୁବନେଶ୍ୱରରେ ୩୦୨ ଓ କଟକରେ ୨୦୨ ଯୋଗଦେବେ
- ସଚ୍ଚୋଟତା ପ୍ରଦର୍ଶନ ଏବଂ କଠିନ ପରିଶ୍ରମ କରିବାକୁ ଡିଜିପିଙ୍କ ଆହ୍ୱାନ
- କନଷ୍ଟେବଳଙ୍କୁ ପଢ଼ାଯାଇଥିବା ପାଠ୍ୟକ୍ରମ ଦେଶରେ ପ୍ରଥମ

ସରିବା ପରେ ତାଲିମ ପ୍ରାପ୍ତ ୫୦୪ଜଣ କନେଷ୍ଟବଳ ବୁଧବାର ଆନୁଷ୍ଠାନିକ ଭାବେ ଦ୍ୱୈତନଗରୀରେ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇଛନ୍ତି। ଏଥିରେ ୧୬୦ ମହିଳା ଏବଂ ୩୪୮ ପୁରୁଷ ରହିଛନ୍ତି। ଦ୍ୱୈତନଗରୀରେ ନିଯୁକ୍ତି ପାଇଥିବା ୫୦୪ଜଣ କନେଷ୍ଟବଳଙ୍କ ମଧ୍ୟରୁ ଭୁବନେଶ୍ୱରରେ ୩୦୨ଜଣ ଓ କଟକରେ ୨୦୨ଜଣ ଯୋଗ ଦେଇଛନ୍ତି।

ଆୟୋଜିତ ଏହି ଦୀକ୍ଷାନ୍ତ ସମାରୋହ ମୁଖ୍ୟ ଅତିଥି ଭାବେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇ ଉତ୍ତୀର୍ଣ୍ଣ ହୋଇଥିବା କନେଷ୍ଟବଳଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସେ ଆହୁରି କହିଛନ୍ତି, ଗତବର୍ଷ ମେ' ମାସରେ ପ୍ରାୟ ୪ହଜାର କନଷ୍ଟେବଳ ନିଯୁକ୍ତି ପାଇଥିଲେ। ତେବେ ଦ୍ୱୈତନଗରୀ ଲାଗି ନିଯୁକ୍ତି ପାଇଥିବା ୫୦୪ କନଷ୍ଟେବଳଙ୍କୁ ଟ୍ରାଫିକ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ୟୁପିଟିଟିଆଇ) ଓ ୭ମ ବାଟାଲିୟନରେ ଉଚ୍ଚୋକୋଟୀର ତାଲିମ୍ ଦିଆଯାଇଥିଲା। କନଷ୍ଟେବଳ ଟ୍ରେନିଂ ଲାଗି ପୂର୍ବରୁ ଥିବା ପାଠ୍ୟକ୍ରମକୁ ସମସ୍ତ ଅଂଶୀଦାର ଓ ଅଭିଜ୍ଞ ପ୍ରଶିକ୍ଷକଙ୍କ ସହ ଆଲୋଚନା କରାଯାଇ ଗତବର୍ଷ ଠାରୁ ପରିବର୍ତ୍ତନ କରାଯାଇଛି। ବିଶେଷକରି ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, କଥାବର୍ତ୍ତା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦିଆଯାଇଥିବା ଡିଜିପି ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ନବନିଯୁକ୍ତ କନଷ୍ଟେବଳଙ୍କୁ କାର୍ଯ୍ୟକ୍ଷେତ୍ରରେ ୭ଟି ଦିଗରେ ଉପରେ ଧ୍ୟାନ ଦେବାକୁ ଉପସ୍ଥିତ ଅତିଥିମାନେ ଗୁରୁମନ୍ତ୍ର ଦେଇଥିଲେ। ସର୍ବଦା ସତ୍ୟ ଏବଂ ନ୍ୟାୟକୁ ସମର୍ଥନ, ବିଜୟ ଅପେକ୍ଷା ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ, ଜଣେ ପୁଲିସ୍ ଅଧିକାରୀ ଭାବ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ କରିବା, ପୁଲିସିଂ ବ୍ୟବସ୍ଥାରେ ନର୍ମ ଅଚାରଣ ପ୍ରଧାନ ଅଙ୍ଗ, ତୁମେ ଯେପରି ବ୍ୟବହାର ଚାହଁ; ସେପରି ବ୍ୟବହାର ଅନ୍ୟକୁ ଦିଏ, ପୁଲିସର ଶକ୍ତି ଉଭୟ କରୁଣା ଭାବ ଏବଂ ଦୃଢ଼ତାର ସନ୍ତୁଳନ ମଧ୍ୟରେ ମିଳିତ, ନିଜର ସହକର୍ମୀ ତଥା ସାଧାରଣ ନାଗରିକ ସହ ବାର୍ତ୍ତାଳପ ବେଳେ ବୃତ୍ତିଗତ ଅଚରଣ ଅବଲମ୍ବନ କରିବାକୁ ନବନିଯୁକ୍ତ କନଷ୍ଟେବଳଙ୍କୁ ଜ୍ଞାନ ଦିଆଯାଇଛି। ଏହି ଅବସରରେ ପୁଲିସ କମିସନର ସଞ୍ଜିବ ପଣ୍ଡା ସ୍ୱାଗତ ଭାଷଣ ଦେଇ ନୂତନ ବ୍ୟାଚ୍ କନଷ୍ଟେବଳଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ଭୂମିକା ବିଷୟରେ ଗୁରୁତ୍ୱାରୋପ କରୁଥିଲେ। ଏଥିରେ ଡିସିପି (ତାଲିମ୍) ତାପସ ରଞ୍ଜନ ଦାଶଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଦୀକ୍ଷାନ୍ତ ସମାରୋହ ଅବସରରେ ପରେଡ କମାଣ୍ଡର ଥିଲେ କନଷ୍ଟେବଳ ବିଶ୍ୱଜିତ ନାୟକ।



### ଉତ୍ତମ ପ୍ରଦର୍ଶନ ପାଇଁ ସମ୍ମାନ

ପୁରସ୍କାର ବିତରଣ ସମାରୋହରେ ବ୍ୟାଚ୍‌ର 'ଶ୍ରେଷ୍ଠ ଫାୟାରର୍ସ' ଭାବେ କନଷ୍ଟେବଳ ବିଶ୍ୱଜିତ୍ ନାୟକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତି ହୋଇଥିଲେ। ଲକ୍ଷ୍ମୀପ୍ରିୟା ମିଶ୍ର ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ଭାବେ ଇତିନା ତରାଇ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଉର୍ମିଳା ଦାଶ, ରିତାରାଣୀ ରାଉତ ଏବଂ ପ୍ରିୟପ୍ରସାଦ ସିଂଦେଓ ଏହି ସମ୍ମାନ ଗ୍ରହଣ କରିଛନ୍ତି। ସେହିପରି ଇନ୍‌ଡୋର ପ୍ରସଙ୍ଗରେ ଲକ୍ଷ୍ମୀପ୍ରିୟା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦୀପାଞ୍ଜଳି ସେଠୀ ଦ୍ୱିତୀୟ ଏବଂ କାଶିନାଥ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୁରୂପ ଭାବେ ଆଉଟଡୋର ବିଷୟ ପ୍ରଥମ ସ୍ଥାନରେ ପ୍ରିୟପ୍ରସାଦ ସିଂଦେଓ, ଦ୍ୱିତୀୟରେ ଚନ୍ଦ୍ର ଶେଖର ସେଠୀ ଏବଂ ତୃତୀୟ ସ୍ଥାନ ହାସଲ କରିଥିଲେ ରଞ୍ଜୁଲତା ନାଏକ।



ଆସ ବୁଲିଯିବା ଖଣ୍ଡଗିରି

# ଚତୁର୍ଥ ରାତିରେ ବି ୪ ରିପିଟ୍



**ଭୁବନେଶ୍ୱର, ୨୧।୨ (ସମିସ):**

ଲଗାତାର ୪ ଦିନ ହେବ ଦୁଲୁକୁଛି ଖଣ୍ଡଗିରି ଯାତ୍ରା ପଡ଼ିଆ। ଏକକାଳୀନ ୫ଟି ପେଣ୍ଡାଲରେ ଅନୁଷ୍ଠିତ ହେଉଛି ଯାତ୍ରା ମହାସମର। ଯାତ୍ରା ମହାକୁମ୍ଭର ଚତୁର୍ଥ ରାତିରେ ୪ ପାର୍ଟି ନାଟକ ରିପିଟ କରିଛନ୍ତି। ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚ ମାଧମରେ ଯାତ୍ରା ଲଢ଼େଇରେ ଭାଗ ନେଇଛି 'ଅଶୋକ ସମ୍ରାଟ'। ବୁଧବାର ରାତିରେ 'ବାଦାମବାଡ଼ିର ରିକ୍ସାବାଲା' ନାଟକକୁ ନେଇ ମଇଦାନକୁ ଓହ୍ଲାଇଛି 'ଅଶୋକ'। ପ୍ରତାପ, ମାମୁନି, ଜିତା, ଅଭି, ଚନ୍ଦନ, ମକୁଙ୍କ ଅଭିନୟ ସାଙ୍ଗକୁ ଖଳନାୟକ କୁନାଙ୍କ ଦମ୍‌ଦାର ଡାଇଲଗ୍ ଦର୍ଶକଙ୍କୁ ନାଟକ ଦେଖିବାକୁ ବାଧ କରିଛି । ସେହିପରି ଦୁର୍ଗା ମନ୍ଦିର, କୋଣାର୍କ, କଳିଙ୍ଗ ଓ ଗୌରୀ ଗଣନାଟ୍ୟ ସମାନ ନାଟକ ରିପିଟ କରିଛନ୍ତି। ନାଟକ ରିପିଟ ହେଉଥିଲେ ମଧ୍ୟ ଦର୍ଶକଙ୍କ ଭିତରେ ଉତ୍ସାହ ବଢ଼ିବାରେ ଲାଗିଛି । କେସିଏ ପଡ଼ିଆରେ ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା ଦୁର୍ଗା ମନ୍ଦିର ଲଗାତାର ଚତୁର୍ଥ ରାତିରେ 'କାନ୍ଦେନାରେ ଲୁହ ସରିଯିବ' ନାଟକ ପରିବେଷଣ କରିଛି । ରୁଦ୍ର, ହୃଷି ଓ ମାମା ଓ ଖଳନାୟକ ଭୂମିକାରେ ଲକ୍ଷ୍ମୀଧରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ରାତି ଅନିଦ୍ରା ହେବାକୁ ବାଧ କରିଛି। ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଖେଳୁଥିବା ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଚତୁର୍ଥ ରାତିରେ ମଧ୍ୟ ସମାନ ନାଟକ 'କାନ୍ଦେନାରେ ବାଇଆ ମନ' ଦର୍ଶକଙ୍କୁ ଭେଟି ଦେଇଛି। ସୁରେଶ ପଣ୍ଡା, ଭାବନା, ହାପି, ପ୍ରିୟଙ୍କା ଏବଂ ସାନମଣିଙ୍କ କମେଡି ଓ ଖଳନାୟକ ଭୂମିକାରେ ସନ୍ଦୀପଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଛି। ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ "ସେଇ ଗୋଟିଏ ଭୁଲ୍ ପାଇଁ" ନାଟକକୁ ପୁଣି ରିପିଟ କରିଛି । ରତି-ମିଟୁନା, ମୁନା-ରୂପାଙ୍କ ଦମଦାର ଯୋଡ଼ି ଓ ଭେଟେରାନ ଖଳନାୟକ ଦୈତାରି ପଣ୍ଡାଙ୍କ ଅଭିନୟ ଲଗାତାର ଚତୁର୍ଥ ଦିନରେ ମଧ୍ୟ ପ୍ରଶଂସା ସାଉଁଟିଛି। ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଗୌରୀ ଗଣନାଟ୍ୟ ଚତୁର୍ଥ ଦିନରେ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ପରିବେଷଣ କରିଛି। ଲଗାତାର ଚତୁର୍ଥ ରାତିରେ ନାଟକ ରିପିଟ ହୋଇଥିଲେ ରାଣୀ ପଣ୍ଡାଙ୍କ ଅଭିନୟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଛି। ସେହିପରି ମାନସ ପଣ୍ଡା, କୁନି, ରୀତା, ବେବି ଓ ରଞ୍ଜିତଙ୍କ ଦମଦାର ଅଭିନୟ ଦର୍ଶକୀୟ ଆଦୃତି ଲାଭ କରିଛି।



## ଆଜିର କାହାଣୀ

## ବାଦାମବାଡ଼ିର ରିକ୍ସାବାଲା'

କୁହାଯାଏ ସଫଳ ନାରୀ ପଛରେ ଜଣେ ପୁରୁଷର ହାତ ଥାଏ । ହେଲେ ଜଣେ ନାରୀ ସଫଳ ହେବାପରେ ସେହି ପୁରୁଷକୁ କିପରି ଧୋକା ଦେଉଛି ତାହା ନାଟକର କାହାଣୀରେ ଦେଖିବାକୁ ମିଳିଛି । ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଏଭଳି ଏକ କୋହଭରା କାହାଣୀ 'ବାଦାମବାଡ଼ିର ରିକ୍ସାବାଲା' କୁ ନେଇ ଖଣ୍ଡଗିରି ମଇଦାନକୁ ଓହ୍ଲାଇଛି 'ଅଶୋକ ସମ୍ରାଟ'। ବାଦାମବାଡ଼ିର ରିକ୍ସାବାଲା ଭୂମିକାରେ ପ୍ରତାପଙ୍କୁ ଦେଖିବାକୁ ମିଳିଛି। ପ୍ରତାପ ଓ ମାମୁନିଙ୍କ ବାପା ସାଙ୍ଗ ହୋଇଥିବାରୁ ଉଭୟ ସଂସ୍ପର୍ଶରେ ଆସିବା ପରେ ସେମାନଙ୍କ ସମ୍ପର୍କ ପ୍ରେମର ରୂପ ନିଏ। ପ୍ରତାପ ରିକ୍ସା ଚଳାଇ କଷ୍ଟରେ ଉପାର୍ଜିତ ଅର୍ଥରେ ମାମୁନିଙ୍କୁ ଆଇଏଏସ୍ ପଢ଼ାନ୍ତି। ଅନ୍ଧୁଣୀ ଭୂମିକାରେ ଅଭିନୟ କରୁଥିବା ମାମୁନିଙ୍କ ବଡ଼ ଭଉଣୀ ପ୍ରତାପ ଓ ମାମୁନିଙ୍କ ପ୍ରେମ ସମ୍ପର୍କକୁ ବାସ୍ତବ ରୂପ ଦିଅନ୍ତି ଆଉ କଟକ ଚଣ୍ଡୀ ମନ୍ଦିରରେ ସେମାନଙ୍କର ବିବାହ କରିଦିଅନ୍ତି। ବିବାହ ପରେ ମାମୁନି ଆଇଏଏସ୍ ପଢ଼ିବା ଯାଆନ୍ତି। ଆଇଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ନିଜ ଲକ୍ଷ୍ୟରେ ସଫଳ ହୁଅନ୍ତି। ହେଲେ ସଫଳତା ପାଇବା ପରେ ପ୍ରେମିକ ପ୍ରତାପ ତଥା ବାଦାମବାଡ଼ିର ରିକ୍ସାବାଲାକୁ ଧୋକା ଦିଅନ୍ତି। ଏମିତିକି ନିଜ ବଡ଼ ଭଉଣୀଙ୍କ ଠାରୁ ମଧ୍ୟ ଦୂରେଇ ରହନ୍ତି। ତାଙ୍କରି ବ୍ୟାଚ୍‌ର ଆଉ ଜଣେ ଆଇଏଏସ୍ ଅଧିକାରୀ ଅଭିଙ୍କୁ ଭଲପାଇ ବିବାହ କଲେ। ହେଲେ ଯେତେବେଳେ ଅଭି ତାଙ୍କ ପତ୍ନୀ ମାମୁନିଙ୍କ ପୁରୁଣା ପ୍ରେମିକ ପ୍ରତାପ ବିଷୟରେ ଜାଣନ୍ତି, ସେତେବେଳେ ତାଙ୍କ ପାଦ ତଳୁ ମାଟି ଖସିଯାଏ। ନିଜକୁ ଦୋଷୀ ଭାବିବା ସହିତ ପତ୍ନୀଙ୍କ ଠାରୁ ଦୂରେଇ ରୁହନ୍ତି। ଏପରି କି ପତ୍ନୀ ମାମୁନି ଓ ରିକ୍ସାବାଲା ପ୍ରେମିକ ପ୍ରତାପଙ୍କ ଭିତରେ ପୁଣି ସମ୍ପର୍କ ଯୋଡ଼ିବାକୁ ଉଦ୍ୟମ କରନ୍ତି। ହେଲେ ପ୍ରତାପ ଆଉ ମାମୁନିଙ୍କୁ ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଏଭଳି ଏକ ଲୁହ ଭରା ନାଟକ ଦର୍ଶକଙ୍କୁ ସାରା ରାତି ବସି ନାଟକ ଦେଖିବାକୁ ବାଧ କରିଥିଲା।



## ଖଣ୍ଡଗିରି-ଗପ

### ବାବାଙ୍କୁ ଲୋଡ଼ା 'ଡଲାର'

ମାଘ ସପ୍ତମୀରୁ ଖଣ୍ଡଗିରି ପାଦଦେଶରେ ସାଧନା କରିବାକୁ ଆସିଥିବା ସାଧୁସନ୍ଥଙ୍କ ମଧ୍ୟରୁ କେତେକ ଜପତପ ଭୁଲି ବେପାର ଆଡ଼କୁ ମନ ବଳେଇଲେଣି । ଆଶୀର୍ବାଦ ପାଇବା ପରେ ଭକ୍ତମାନେ ଦେଉଥିବା ଭାରତୀୟ ମୁଦ୍ରା ବା 'ଦକ୍ଷିଣା' ବାବାଙ୍କ ମନକୁ ପାଉନି। ବାବା ଏଣିକି ଭାରତ ଛାଡ଼ି ଆମେରିକୀୟ ଡଲାର ଆଡ଼କୁ ମନ ବଳାଇଲେଣି। ଏକଥା ଆମେ କହୁନାହୁଁ, ବରଂ ଆପଣ ଘଟଣା ଦେଖିଥିଲେ ସେୟା ହିଁ ବୁଝିଥାଆନ୍ତେ। ଗତକିଛିଦିନ ହେଲା ମାଘ ସପ୍ତମୀ ଠାରୁ ଖଣ୍ଡଗିରି ପାଦଦେଶରେ ଆରମ୍ଭ ହୋଇଛି କୁମ୍ଭ ମେଳା। ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଆସି ହୋମଯଜ୍ଞ କରିବା ସହିତ ତପସ୍ୟା କରୁଛନ୍ତି। ଏହାରି ଭିତରେ ଜଣେ ବାବା ଆଣ୍ଠୁ ମାଡ଼ି ବସି ବୁଢ଼ା ଆଉ ବିଶି ଆଙ୍ଗୁଠି ମଝିରେ 'ଛୋଟ ନଳୀ' ଧରି ଫୁଙ୍କୁ ଥା'ନ୍ତି । ଦୁଇ ଜଣ ବିଦେଶୀ ନାଗରିକ ଆସି ପହଞ୍ଚିଲେ ଆଉ ବାବାଙ୍କ ପାଦ ଛୁଇଁ ନମସ୍କାର ହେଲେ। ବଦଳରେ ବାବା ମଧ୍ୟ ସେମାନଙ୍କୁ ଆଶୀର୍ବାଦ ଦେଲେ। ଦୁଇ/ଚାରି ପଦ କଥା ହେଲାପରେ ଜଣେ ବିଦେଶୀ ନାଗରିକ କାନ୍ଧରେ ପକେଇଥିବା ଫାଳିକିଆ ବ୍ୟାଗରୁ ଦୁଇଟି ଚକ୍ ଚକ୍ ମାରୁଥିବା 'କୋଡ଼ିଏ ଟଙ୍କିଆ' ନୋଟ୍ କାଢ଼ି ବାବାଙ୍କ ଆସ୍ଥାନରେ ରଖିଥିଲେ। ହେଲେ ବିଦେଶୀଙ୍କ ହାତରୁ ଭାରତୀୟ ମୁଦ୍ରା ପାଇ ବାବାଙ୍କ ମନ କୋଉ ଭରିବ! 'ଡଲାର୍... ଦୋ ଡଲାର' କହି ବାବା ଦୁଇଚାରିଥର କହିବାରେ ଲାଗିଥିଲେ । କିଛି ସମୟ ପାଇଁ ବିଦେଶୀ ଜଣଙ୍କ ବାବାଙ୍କ ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। ବାଧ ହୋଇ ଆଉ ଦୁଇଟି କୋଡ଼ିଏ ଟଙ୍କିଆ ନୋଟ୍ ବାହାର କରି ବାବାଙ୍କୁ ଦେବା ସହ ସେଠାରୁ ଚାଲି ଯାଇଥିଲେ। ଅବଶ୍ୟ ଦୁଇ ବିଦେଶୀ ନାଗରିକ ଗଲାପରେ ବାବା ସେହି ଟଙ୍କା ତାଙ୍କ ଚେଲାକୁ ଦେଇ ଚା' ପାନ ଆଣିବାକୁ କହିଥିଲେ।

-ବରୁଣ

## 'ଚାଉଳରେ ଲେଖିଦେବି ତମ ନାଁ'




ମାତ୍ର ୫୦ ଟଙ୍କା ଦେଲେ ଚାଉଳରେ ନାଁ ଖୋଦେଇ କରୁଛନ୍ତି ଖଣ୍ଡଗିରି ମେଳାରେ ପଡ଼ିଥିବା ଏକ ଷ୍ଟଲ୍‌ରେ। ନିଜ ନା ଚାଉଳରେ ଲେଖିବାକୁ କଲେଜ ଛାତ୍ରଛାତ୍ରୀ ତଥା ଯୁବପିଢ଼ିଙ୍କ ଭିଡ଼ ଜମୁଛି। ମେଳା ଭିତରକୁ ପଶିବାବେଳେ '୫୦ ଟଙ୍କା ଦେଲେ, ଚାଉଳରେ ଲେଖିଦେବି ନାଁ' ଭଳି ଡାକ ଶୁଣି କ୍ଷଣିକ ପାଇଁ ଯୁବକ ଯୁବତୀ ଅଟକି ଯାଉଥାନ୍ତି। ଚାଉଳରେ କେମିତି ନାଁ ଲେଖି ହେଉଛି ଦେଖିବାକୁ ଯେତିକି ଆଗ୍ରହ, ନିଜ ନାଁ ଲେଖାଇବାକୁ ସେତିକି ଉତ୍ସାହ। ଏତେ ଛୋଟ ଜିନିଷରେ ନିଜ ନାଁ ଓ ପ୍ରିୟଜନଙ୍କ ନାଁ ଲେଖାଇ ଆତ୍ମସନ୍ତୋଷ ପାଇବାର ମଉକାକୁ କେହି ଛାଡ଼ୁନାହାନ୍ତି। ଚାଉଳର ଗୋଟିଏ ପାର୍ଶ୍ୱରେ ଲେଖିଲେ ୪୦ ଟଙ୍କା ଏବଂ ଦୁଇ ପାର୍ଶ୍ୱରେ ଲେଖିଲେ ୫୦ ଟଙ୍କା ଗ୍ରାହକଙ୍କୁ ଦେବାକୁ ପଡୁଛି। ଏହି ଦୋକାନ ଆଗରେ ଅଧିକାଂଶ କଲେଜ ଛାତ୍ରଛାତ୍ରୀଙ୍କ ଭିଡ଼ ହେଉଛି। ନାଁ ଲେଖିବା ପରେ ଏକ ଛୋଟ କାଚ ବୋତଲରେ କିଛି ତରଳ ପଦାର୍ଥ ସହ ରଖିବା ପରେ ଟିକେ ବଡ଼ ଆକୃତି ଦେଖାଯାଉଛି। ଏହି କାଚ ବୋତଲଟି ଏତେ ଛୋଟ ଯେ ତାକୁ ଲକେଟ୍ ଭଳି ବ୍ୟବହାର ମଧ୍ୟ କରିପାରିବେ। ଏଭଳି କଳାକୃତିରେ ନିଆରା ଅନୁଭୂତି ଦେଉଥିବା ଶିଳ୍ପୀ ରମେଶ କୁହନ୍ତି ଯେ ଏଭଳି ଚାଉଳର କଳାକୃତି ରାଜଧାନୀରେ କେବଳ ମେଳା ମହୋତ୍ସବରେ ଦେଖିବାକୁ ମିଳୁଥିବାରୁ ଲୋକେ ଏଠାରେ ବେଶୀ ଭିଡ଼ କରୁଛନ୍ତି।

ସାକ୍ଷାତକାର



## "କମେଡି ସିନ୍ ଲେଖିବା ସବୁ ନାଟ୍ୟକାରଙ୍କ ଦ୍ୱାରା ସମ୍ଭବ ନୁହେଁ'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅବସରରେ ବରିଷ୍ଠ ହାସ୍ୟ ଅଭିନେତା ପ୍ରଭାକର ସାହୁ (ଚଗନ)ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସ୍ୱତନ୍ତ୍ର ସାକ୍ଷାତକାର।**

**ଆପଣ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ କେତେବର୍ଷ ଧରି ଆସୁଛନ୍ତି ଓ ଖଣ୍ଡଗିରି ଯାତ୍ରା ସମ୍ପର୍କରେ ନିଜର ଅନୁଭୂତି କ'ଣ ରହିଛି?**

- ମୁଁ ଦୀର୍ଘ ୪୮ ବର୍ଷ ଧରି ଯାତ୍ରା କରି ଆସୁଛି। ସେଥିରୁ ପ୍ରାୟ ୪୦ ବର୍ଷ ଖଣ୍ଡଗିରିକୁ ଆସିଛି। ଖଣ୍ଡଗିରି ଯାତ୍ରାମଞ୍ଚ ଏମିତି ଏକ ଜାଗା ଯେଉଁଠାରେ ନାଟକ ପରିବେଷଣ କଲେ ଲାଗି ଯେମିତି ଯାତ୍ରା କୁରୁକ୍ଷେତ୍ରରେ ଯୁଦ୍ଧ କରୁଛି। ଏହା ରାଜଧାନୀ ଏକ ବଡ଼ ପ୍ଲାଟଫର୍ମ ହୋଇଥିବାରୁ ଏଥିପାଇଁ ଆମକୁ ସର୍ବାଧିକ ପ୍ରସ୍ତୁତ ହୋଇ ଆସିବାକୁ ପଡ଼ିଥାଏ। ଏଠାରେ ନାଟକ ପରିବେଷଣ କରି ପରବର୍ତ୍ତୀ ସମୟରେ ଅନ୍ୟକେଉଁଠାରେ ନାଟକ ପରିବେଷଣ କଲେ ଦର୍ଶକ ଥିଲେ ବି ଖାଁ ଖାଁ ଲାଗେ। ଖଣ୍ଡଗିରି ଯାତ୍ରା ଅଞ୍ଚଳବାସୀଙ୍କ ପାଇଁ କ'ଣ ହୋଇପାରେ ଆମ ପାଇଁ ଏକ ଉତ୍ସବ ବୋଲି କୁହାଯାଇପାରେ।

**ଯାତ୍ରାରେ ନାୟକ/ନାୟିକାଙ୍କ ଭଳି କମେଡି କଳାକାରମାନେ ପ୍ରାଇସ୍(ପ୍ରାପ୍ୟ), ପ୍ରେଷ୍ଟିଜ୍ (ସମ୍ମାନ) କିମ୍ବା ପୋଜିସନ୍ (ସ୍ଥାନ) ପାଉଛନ୍ତି କି?**

- ସତକଥା ହେଉଛି ଯେତିକି ଯାତ୍ରାରେ ଚରିତ୍ର ଅଭିନେତାଠାରୁ ଆରମ୍ଭ କରି ନାୟକ, ନାୟିକା ତଥା ହାସ୍ୟ ଅଭିନେତାଙ୍କୁ ମିଶାଇ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କମେଡି ପ୍ରତି ଲୋକଙ୍କ ଭିନ୍ନଧରଣର ରୁଚି ରହିଛି। ଏସବୁ ପରେ ବି କମେଡ଼ିକୁ ଗୁରୁତ୍ୱ ଦେଇ ନାଟକ ଲେଖା ଯାଉନାହିଁ। ଫଳରେ କମେଡିଆନ୍‌କୁ ଯେତିକି ଗୁରୁତ୍ୱ ମିଳିବା କଥା ମିଳୁ ନାହିଁ।

**ଯାତ୍ରାରେ କମେଡି ଓ କମେଡିଆନଙ୍କୁ ଉପଯୁକ୍ତ ପ୍ରାଧାନ୍ୟ ଦିଆଯାଉ ନାହିଁ କାହିଁକି ?**

- ସତ କଥା ହେଉଛି ଅନ୍ୟ କାହାଣୀ ଲେଖିବା ସହଜ ହୋଇପାରେ। ହେଲେ କମେଡିକୁ ନେଇ ଯାତ୍ରା ଲେଖିବା କାଠିକର ପାଠ। ଯେଉଁ ଯାତ୍ରା କଳାକାରମାନେ ବହି ଲେଖୁଛନ୍ତି ସେମାନେ କମେଡିକୁ ସେତିକି ଗୁରୁତ୍ୱ ଦେଉ ନାହାନ୍ତି। ସେମାନେ ଯେତିକି ବା ଯେଉଁ କମେଡି ପାଣ୍ଡୁଲିପି ଲେଖୁଛନ୍ତି ତାକୁ ଯଦି ପରିବେଷଣ କରାଯିବ ଲୋକେ ଆଦୌ ଆସିବେ ନାହିଁ। ବରଂ ବିରକ୍ତି ଭାବେ ପୋଷଣ କରିବେ। ଦୟା, ଭିକାରୀଙ୍କଠାରୁ ଆରମ୍ଭ କରି ବିଗତ ଦିନରେ ମଣିଭଦ୍ର ବିଶ୍ୱାଳ ହୁଅନ୍ତୁ ଅବା ରବି ଶତପଥୀ ହୁଅନ୍ତି ଯେଉଁ ଭଲ କମେଡିଆନ୍‌ମାନଙ୍କୁ ଦେଖୁଛନ୍ତି ସେମାନେ ନିଜସ୍ୱ ସ୍କ୍ରିପ୍ ବା ଡାଇଲଗ୍ ଯୋଗୁଁ ପରିଚିତ ହୋଇଛନ୍ତି।

**ଆଜିର ଦିନରେ ନୂଆ କମେଡି କଳାକାରମାନେ ଯାତ୍ରାକୁ ଆସୁନାହାନ୍ତି କାହିଁକି?**

- ଆସୁ ନାହାନ୍ତି ନୁହେଁ; ସବୁ ଯାତ୍ରା ପାର୍ଟିରେ କମେଡି ଆର୍ଟିଷ୍ଟ ଅଛନ୍ତି ଓ ଆଗରୁ ବି ଥିଲେ। କିନ୍ତୁ ହାତଗଣତି ଅଳ୍ପ କେତେଜଣ କମେଡିଆନଙ୍କୁ ଲୋକେ ଜାଣନ୍ତି। ଏହାର କାରଣ ହେଉଛି କମେଡି ହେଉଛି ଏମିତି ଏକ କଳା ଯାହାକୁ କଳାକାରର ନିଜସ୍ୱ ଦକ୍ଷତାକୁ ସର୍ବାଧିକ ପ୍ରତିଫଳିତ କରିଥାଏ। ଅନେକ ନବାଗତ ଏ ଦିଗରେ ପରିଶ୍ରମ କରୁନାହାନ୍ତି। ତେଣୁ ସେମାନେ ଲୋକଲୋଚନାକୁ ଆସିପାରୁ ନାହାନ୍ତି।

**ଦକ୍ଷିଣ ଭାରତରେ କମେଡିକୁ ନେଇ ଅନେକ ସିନେମା କରାଯାଇଛି ଓ ସେଗୁଡ଼ିକ ହିଟ୍ ମଧ୍ୟ ହୋଇଛି। ବଲିଉଡ୍‌ରେ ମଧ୍ୟ ବହୁ ଭଲ କମେଡି ସିନେମା ହୋଇଛି। ଓଡ଼ିଆ ସିନେମାରେ କେତେକାଂଶରେ କମେଡିଆନ୍ ହିରୋ ହୋଇଛନ୍ତି। କିନ୍ତୁ ଯାତ୍ରା ଜଗତରେ କମେଡିକୁ ନେଇ ସ୍ୱତନ୍ତ୍ର ନାଟକ ହେଉନାହିଁ କାହିଁକି?**

- ଯାତ୍ରାରେ କମେଡି ସିନ୍ ଲେଖିବା ସବୁ ନାଟ୍ୟକାରଙ୍କ ଦ୍ୱାରା ସମ୍ଭବ ନୁହେଁ। ନାଟ୍ୟକାର ସ୍ୱର୍ଗତ ଅନନ୍ତ ଓଝା ଥରେ କହିଥିଲେ ସାଧାରଣ ନାଟକ ଲେଖିବା ପାଇଁ ମୋତେ ତିନି ଦିନରେ ଷ୍ଟୋରୀ ଲାଇନ୍ ମିଳୁଥିବା ବେଳେ କମେଡି ସିନ୍ ଲେଖିବା ପାଇଁ ତିନିମାସ ସମୟ ଲାଗି ଯାଉଛି। ଏମିତି କମେଡି ଡାଇଲଗ୍ ଲେଖିବାକୁ ମଧ୍ୟ ଅନେକ କମେଡିଆନ୍‌ଙ୍କ ପରାମର୍ଶ ନେବାକୁ ପଡୁଛି।

**ଆଜିର ଦିନରେ ରେକର୍ଡ ଡ୍ୟାନ୍ସ ଆଳରେ ଯେଉଁ ଆଇଟମ୍ ବା ନଗ୍ନ ନୃତ୍ୟ ଚାଲିଛି ତା'ର ଆବଶ୍ୟକତା କେତେ ରହିଛି?**

- ନୃତ୍ୟର ତ ନିହାତି ଆବଶ୍ୟକ ରହିଛି। ବିଗତ ଦିନରେ ନୃତ୍ୟନାଟିକା ପରିବେଷଣ କରାଯାଉଥିଲା। ଏବେ ବି ଭଲଭଲ ନୃତ୍ୟର ଆବଶ୍ୟକତା ରହିଛି, କିନ୍ତୁ ତାହା ସବୁ ଶାଳିନତା ଭିତରେ ହେବା ଆବଶ୍ୟକ। ଶାଳିନତା ବାହାରକୁ ଚାଲିଗଲେ ତାହା ସମାଜ ଉପରେ କୁପ୍ରଭାବ ପକାଉବ। ଯେଉଁଥିପାଇଁ ଅନେକ ସପରିବାରେ ଏବେ ଯାତ୍ରା ଦେଖିବାକୁ ଆସୁନାହାନ୍ତି।

**ଏଥିପାଇଁ ଆପଣ କାହାକୁ ଦାୟୀ କରିବେ?**

- ମୁଁ ପ୍ରଥମେ ଜଣେ ଶୃଙ୍ଖଳିତ ପରିବାରର ସଦସ୍ୟ। ତେଣୁ ପରିବାରର ପରାମର୍ଶକ୍ରମେ ଯାତ୍ରା ଜଗତରେ ପ୍ରବେଶ କରିଥିଲି। ତେଣୁ ପ୍ରଥମେ ପରିବାକୁ ଗୁରୁତ୍ୱ ଦେଇ ଯାତ୍ରାରେ ଅଭିନୟ କରିଥାଏ।

**ଆଜିର ମୋବାଇଲ୍ ଯୁଗରେ ଯାତ୍ରା ଅଭିନୟକୁ ବଞ୍ଚାଇ ରଖିବା ପାଇଁ ଆପଣଙ୍କ ମତରେ କି କି ଚ୍ୟାଲେଞ୍ଜ୍ ବା ଆହ୍ୱାନ ରହିଛି?**

- ସମସ୍ତେ, ଯାତ୍ରା ମାଲିକଙ୍କଠାରୁ ଆରମ୍ଭ କରି ନାଟ୍ୟକାର, କଳାକାରଙ୍କଠାରୁ ଆରମ୍ଭ କରି ଦର୍ଶକ ସମସ୍ତେ ଚାହିଁଲେ ଅଶ୍ଳୀଳତାରୁ ମୁକୁଳିପାରିବା। ଭଲ ନାଟକ ପରିବେଷଣ କରାଯାଇପାରିବ।



## ବିଜୁ ପଟ୍ଟନାୟକ ପାର୍କ ପଛପଟ ରାସ୍ତା

# ରାସ୍ତାରୁ ଉଠିଗଲାଣି ପେଭର୍ ବ୍ଲକ

**ଲୋକେ ବୁଲିବୁଲି ଯାଉଛନ୍ତି**

**ଭୁବନେଶ୍ୱର, ୨୧।୨(ସମିସ):** ରାଜଧାନୀର ବିଭିନ୍ନ ରାସ୍ତାରେ ଏବେ ବିଛାଯାଉଛି ପେଭର୍ ବ୍ଲକ। ଏହାର ମୁଖ୍ୟ ଉଦ୍ଦେଶ୍ୟ ବର୍ଷା ଜଳ ସଂରକ୍ଷଣ କରିବା। ମାଟି ସ୍ଥାନ ଉପରେ ବାଲି ପକାଯାଇ ତାହା ଉପରେ ପେଭର୍ ବ୍ଲକ ପକାଇବା ଫଳରେ ଏହି ସ୍ଥାନରେ ବର୍ଷା ପାଣି ମାଟି ତଳକୁ ଯାଇଥାଏ। ଯାହାଦ୍ୱାରା ମାଟି ତଳେ ଜଳ ସଂରକ୍ଷଣ ହୋଇ ରହିଥାଏ। ହେଲେ ବର୍ତ୍ତମାନ ଏହାର ସ୍ଥିତିରେ ଏହାର ଓଲଟା ଦୃଶ୍ୟ ଦେଖିବାକୁ ମିଳିଛି। ପେଭର୍ ବ୍ଲକ ବିଛାଯିବା ପରେ ଏହାର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ କିଛିଦିନ ପରେ କେଉଁଠି ପେଭର୍ ବ୍ଲକ ଦବିଯାଇଛି ତ ଆଉ କେଉଁଠି ତାହା ଭାଙ୍ଗିଯାଇ ମାଟି ଖୋଲିହେଇ ଦିଶିଲାଣି। ବର୍ଷା ଜଳ ସଂରକ୍ଷଣ ତ ଦୂରର କଥା ଦିନ କେଇଟା ପରେ ରାସ୍ତାକଡ଼ରୁ ପେଭର୍ ବ୍ଲକ ଉଭାନ୍ ହୋଇଯାଉଛି। ବିଜୁ ପଟ୍ଟନାୟକ ପାର୍କ ପଛପଟ ରାସ୍ତାରେ ପେଭର୍ ବ୍ଲକ ଉଠି ଯାଇଥିବାରୁ ବାଇକ୍ ଚାଳକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହା ଦିନେ କି ଦୁଇ ଦିନର କଥା ନୁହଁ ବରଂ ପାଖାପାଖି ବର୍ଷେ ପରେ ଏଭଳି ସ୍ଥିତି ଲାଗିରହିଥିଲେ ବି ସୁଧାର ଆସି ନାହିଁ। ଯାତାୟତ କରିବାକୁ ଅନେକ ସମସ୍ୟା ଦେଖାଯାଉଛି। ମଝି ଅଂଶରୁ ପୂରାପୂରି ପେଭର୍ ବ୍ଲକ ଉଠି ଯାଇଥିବାରୁ ଲୋକ ବୁଲିକରି ଯିବାକୁ ବାଧ ହେଉଛନ୍ତି। ବର୍ଷା ଦିନରେ ଅଧିକ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଗଣେଶ ଦାସ ନିଜ ଅସନ୍ତୋଷ ଜାହିର କରି କହିଛନ୍ତି। କେବଳ ଏହା ବିଜୁ ପଟ୍ଟନାୟକ ପାର୍କ ପଛପଟ ରାସ୍ତାର ସମସ୍ୟା ନୁହଁ ବରଂ ଅଧିକାଂଶ ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। କେଉଁଠାରେ ପେଭର୍ ବ୍ଲକ ଆପେ ଆପେ ବାହାରି ଯାଉଛି ତ ଆଉ କେଉଁଠି ବାଲି ପ୍ୟାକିଂ ଭଲରେ କରାଯାଇ ନ ଥିବାରୁ ତାହା ଉଠି ଯାଉଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ପେଭରବ୍ଲକ ଉଠି ଯାଇଥିବାରୁ ସେଠାରେ ବର୍ଷା ସମୟରେ କାଦୁଅ ଜମି ରହୁଛି। ଏ ନେଇ ୪୦ ନମ୍ବର ୱାର୍ଡ କର୍ପୋରେଟର ଆଶିୟା ବେଗମ୍ କୁହନ୍ତି ଆମେ ଅସୁବିଧା ବିଷୟରେ ବିଡିଏକୁ ଅନେକଥର ଜଣାଇଛୁ। ଏବେ ରାସ୍ତାର ବିପରୀତ ଦିଗରୁ କାମ ଆରମ୍ଭ ହୋଇଛି। ପାଖାପାଖି ୧୫ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।



# ‘ଅପେକ୍ଷାରେ ରାମଚନ୍ଦ୍ର’ ମଞ୍ଚସ୍ଥ

**‘ଭାରତ ରଙ୍ଗ ମହୋତ୍ସବ’**



**ଭୁବନେଶ୍ୱର, ୨୧।୨(ସମିସ):** ଇଣ୍ଟରନ୍ୟାସନାଲ୍ ଥିଏଟର ମହୋତ୍ସବ ଅବସରରେ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ‘ଭାରତ ରଙ୍ଗ ମହୋତ୍ସବ-୨୦୨୪’ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୨ରୁ ୨୧ ମଧ୍ୟରେ ଭାରତର ୧୪ଟି ରାଜ୍ୟରେ ଏହି ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଏଲ୍‌ଟିଜି ଅଡିଟୋରିୟମ୍‌ରେ ଓଡ଼ିଆ ନାଟକ ‘ଅପେକ୍ଷାରେ ରାମଚନ୍ଦ୍ର’ ମଞ୍ଚସ୍ଥ ହୋଇଯାଇଛି। ବାଗ୍‌ଦେବୀ ଲିଟରେଚର୍ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ମଞ୍ଚସ୍ଥ ଏହି ନାଟକର ରଚନା ନାଟ୍ୟକାର ଶଙ୍କର ତ୍ରିପାଠୀ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ। ନାଟକରେ ଶ୍ରୀ ରଥଙ୍କ ସମେତ ବିଭିନ୍ନ ଭୂମିକାରେ ଓଡ଼ିଶାର ୩୫ଜଣ ମଞ୍ଚ କଳାକାର ଅଭିନୟ କରିଥିଲେ।

# ‘ପାଇକ ରେଜିମେଣ୍ଟ’ ଗଠନ ଦାବି



**ଭୁବନେଶ୍ୱର, ୨୧।୨(ସମିସ):** ଖଣ୍ଡାୟତଙ୍କୁ ଅବିଳମ୍ବେ କେନ୍ଦ୍ର ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରାଯାଉ। ଆବେଦନ ଶୁଳ୍କ ଓ ନାମ ଲେଖା ଶୁଳ୍କରେ ଛାଡ଼, ମାଗଣା ତାଲିମ, ମାଗଣା ଛାତ୍ରାବାସ ଆଦି ସୁବିଧାର ପ୍ରାବଧାନ ଆମ ସମୁଦାୟ ପାଇଁ ସରକାର କରନ୍ତୁ। ଯେଉଁ ପାଇକମାନଙ୍କ ବୀରତ୍ୱକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଅଭିହିତ କରାଯାଏ, ସେହି ପାଇକମାନଙ୍କ ନାଁରେ ଏକ ‘ପାଇକ୍ ରେଜିମେଣ୍ଟ’ ଗଠନ ପାଇଁ ସଂଘ ଦାବି କରିଛି। ଏଭଳି ୬ଦଫା ଦାବି ନେଇ ବୁଧବାର ‘ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ମହାସଂଘ’ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏ ସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ମହସଂଘ ସଭାପତି ପ୍ରମୋଦ ଧଳ, ସାଧାରଣ ସମ୍ପାଦକ ବିଶ୍ୱରାଜ ନାୟକ। ସାମ୍ବାଦିକ ସମ୍ମିଳନୀରେ ଜୟନ୍ତ ମର୍ଦ୍ଦରାଜ, ପ୍ରଫୁଲ୍ଲ ଧଳ, ସତ୍ୟରଞ୍ଜନ ସ୍ୱାଇଁ, ବୀରେନ ରାୟ, ସରୋଜ ନାୟକ, ସସ୍ମିତା ସ୍ୱାଇଁ, ରଞ୍ଜୁବାଳା ନାୟକ, ଯଜ୍ଞେଶ୍ୱର ସୁନ୍ଦରାୟ, ରଜତ ବଳୀୟାରସିଂ ଉପସ୍ଥିତ ଥିଲେ।

# ଯୁବ ଗାଳ୍ପିକ ସରୋଜ ସାହୁଙ୍କୁ ‘ଦୁର୍ଗାମାଧବ ସ୍ମୃତି ପୁରସ୍କାର’

**ଭୁବନେଶ୍ୱର, ୨୧।୨(ସମିସ):** ‘ସମାରୋହ’ ପତ୍ରିକାର ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପତ୍ରିକାର ସମ୍ପାଦିକା ଶୈଳରାଣୀ ମିଶ୍ର, ସହଯୋଗୀ ସମ୍ପାଦକ ରବି ନାରାୟଣ ନନ୍ଦ, ଅତିଥି ଡ. ସଂତୃପ୍ତ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ପ୍ରମୁଖ ଅତିଥିମାନଙ୍କ ଗହଣରେ ଯୁବ ଗାଳ୍ପିକ ସରୋଜ କୁମାର ସାହୁଙ୍କୁ ‘ଦୁର୍ଗାମାଧବ ସ୍ମୃତି ପୁରସ୍କାର’ ସମ୍ମାନରେ ସମ୍ମାନିତ କରିଥିଲେ। ଶ୍ରୀ ସାହୁଙ୍କ ସର୍ଜନମନସ୍କତା ତାଙ୍କୁ ଜଣେ ଲୋକପ୍ରିୟ ଗାଳ୍ପିକର ମର୍ଯ୍ୟଦା ଦେଇଛି। ତାଙ୍କ ଲେଖନୀରେ ମାନବୀୟ ଜୀବନର ବହୁମୁଖୀ ଦିଗ ପ୍ରତିବିମ୍ବିତ ହୋଇଥାଏ। ଯାହା ତାଙ୍କୁ ପାଠକ ପ୍ରିୟ କରିପାରିଛି ବୋଲି ମତପ୍ରକାଶ ପାଇଥିଲା।



# ବାଲିପାଟଣାରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’



**ବାଲିପାଟଣା, ୨୧।୨(ସମିସ):** ବାଲିପାଟଣା ବ୍ଲକର ସମସ୍ତ ୧୭ଟି ପଞ୍ଚାୟତରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସୋମଣା ଶାସନ ଗ୍ରାମପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ ଓଝା, ସମ୍ମାନିତ ଅତିଥି ଭାବେ ଯୁବନେତ୍ରୀ ତଥା ସମିତି ସଭ୍ୟା ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇଥିବା ବେଳେ ସେହି ପଞ୍ଚାୟତର ସରପଞ୍ଚ ନର୍ଗିସ ବେଗମ୍, ସମିତିସଭ୍ୟ ଶୈଳେନ୍ଦୁ ଦାଶ, ରାଜସ ସରପଞ୍ଚ ବାସନ୍ତୀ ନାୟକ, ସମିତି ସଭ୍ୟ ସ୍ୱାଗତିକା ନାୟକ, ଭାକରସାହି ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା, ସମିତିସଭ୍ୟ କାହ୍ନୁଚରଣ ପାତ୍ର, ଅଠାନ୍ତର ସରପଞ୍ଚ ଅଜିତ ମହାନ୍ତି, ଦେଉଳିଧରପୁର ନାୟବ ସରପଞ୍ଚ ତ୍ରିଲୋଚନ ଜେନା, ଆଳିଶି ସରପଞ୍ଚ ସୁଶାନ୍ତ ବଳିଆ, କୁରୁଞ୍ଜିପୁର ସରପଞ୍ଚ ବିନୋଦିନୀ ମଲ୍ଲିକ, ତୁରନ୍ତିର ସମିତି ସଭ୍ୟ ସନାତନ ସେଠୀ, ଆମଣାକୁଦ ସରପଞ୍ଚ ମିତାଲି ମିଶ୍ର, ସମିତିସଭ୍ୟ ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଯୋଗାଣ ଅଧିକାରୀ ନେତ୍ରାନନ୍ଦ ବେହେରା, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ଜିପିଓ କଳ୍ପନା ଦାସ, ପ୍ରଭାତ ଜେନା, ପୂର୍ବତନ ପିଇଓ ନବକିଶୋର ଦାସ ବର୍ତ୍ତମାନର ଅଭିରାମ ବାରିକ, ମତ୍ସ୍ୟ ଅଧିକାରୀ ରତ୍ନମଞ୍ଜରୀ ମହାରଣା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏମ୍‌ବିକେ, ସିଆର୍‌ପି, ୱାର୍ଡ ସଭ୍ୟ ସଭ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ଲୋକ ପ୍ରତିନିଧି କରାମତ ଅଲ୍ଲୀ ଓ ବୀରେନ୍ଦ୍ର ସାହାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ଗୋଟିପୁଅ ନୃତ୍ୟ ଦଳ ଓ ସଙ୍କୀର୍ତ୍ତନ ସହିତ ଅନେକ ସାଂସ୍କୃତିକ ଗୋଷ୍ଠୀ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆନ୍ତର୍ଜାତିକ ମାତୃଭାଷା ଦିବସ

**ଭୁବନେଶ୍ୱର, ୨୧।୨(ସମିସ):** ସ୍ୱାଭିମାନ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଏବଂ ଅଲ୍ ଯାଭର୍ ଜଙ୍ଗ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍‌ର ମିଳିତ ଉଦ୍ୟମରେ ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ୨୫୦ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପିସି ଅଗ୍ରୱାଲ, ଅଲ୍ ଯାଭର୍ ଜଙ୍ଗ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍‌ର ସହ ନିର୍ଦ୍ଦେଶକ ଡ. ଲାନୁ ୱନବୟେ ଆଇମୋଲ ଏବଂ ସ୍ୱାଭିମାନର ପ୍ରୋଗ୍ରାମ ମ୍ୟାନେଜର ତନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଲ୍ ଯାଭର୍ ଜଙ୍ଗ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ବିଶ୍ୱାମିତ୍ରା ମିଶ୍ର ସଙ୍କେତିକ ଭାଷା ମାଧ୍ୟମରେ ଅକ୍ଷର, ଅଙ୍କ ତଥା ସାଧାରଣ କଥା ବାର୍ତ୍ତା ଶିଖାଇଥିଲେ। ଡ. ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଗୌରମ୍ମା ଓ ବରୁଣ ମଞ୍ଚ ପରିଚାଳନା କରିଥିଲେ।

# ଲୋହିଆ ଏକାଡେମୀରେ ମାତୃଭାଷା ଦିବସ



**ଭୁବନେଶ୍ୱର, ୨୧।୨(ସମିସ):** ଭାଷା ନିମିତ୍ତ ସାମାଜିକ ଦିଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତୃଭାଷା ବିନା କୌଣସି ଦେଶ ସମ୍ବନ୍ଧରେ ବିଚାର କରାଯାଇ ନ ପାରେ ବୋଲି ବିଶ୍ୱ ମାତୃଭାଷା ଦିବସ ଅବସରରେ ଲୋହିଆ ଏକାଡେମୀରେ ‘ଓଡ଼ିଶାରେ ମାତୃଭାଷା ଓଡ଼ିଆର ବର୍ତ୍ତମାନ ଓ ଭବିଷ୍ୟତ’ ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ବୈଜ୍ଞାନିକ ତଥା ଭାଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର ବକ୍ତବ୍ୟ ପ୍ରଦାନ କରିଛନ୍ତି। ଲୋହିଆ ଏକାଡେମୀ ପକ୍ଷରୁ ଶିକ୍ଷାବିତ୍ ପ୍ରଫେସର ସ୍ୱାଧୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ବିରେନ୍ଦ୍ର ନାୟକ, ସୁମିତ୍ରା ପଟେଲ, ନରେନ୍ଦ୍ର ମହାନ୍ତି, ମହମ୍ମଦ ସୁକ୍ର, ନିରୂପମା ପାଣି, ସ୍ୱର୍ଣ୍ଣପ୍ରଭା ପାଢ଼ୀ, କ୍ଲୋରିନ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମାନସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମାତୃଭାଷା ଦିବସରେ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୧।୨(ସମିସ):** ସାମାଜିକ ଅନୁଷ୍ଠାନ ଉତ୍କଳ ବୁଲେଟିନ୍ ଚାରିଟେବଲ ଟ୍ରଷ୍ଟ୍ ଏବଂ ମହିମା ସେବା ପାଉଣ୍ଡେସନ୍, ଅରଭାନୀ ସମୟର ମିଳିତ ସହଯୋଗରେ ବିଶ୍ୱ ମାତୃଭାଷା ଦିବସ-୨୦୨୪ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଭାପତିତ୍ୱରେ ଏବଂ ରୀନା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇଥିବାବେଳେ ଶିକ୍ଷାବିତ୍ ସୁକାନ୍ତି ପଣ୍ଡା, ବେଦ ଗବେଷିକା ମମତା ମହାନ୍ତି, ସାହିତ୍ୟିକା ଡ. ଅଞ୍ଜଳି ତ୍ରିପାଠୀ ଉପସ୍ଥିତ ଥିଲେ। ଏହାସହିତ ମାତୃଭାଷାର ବ୍ୟାପକ ପ୍ରଚାର ପ୍ରସାର ନିଜ ନିଜ ସ୍ତରରେ କିପରି ସମସ୍ତେ କରିପାରିବେ ତାହା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାମ୍ବାଦିକତା, ପୂଜ୍ୟପୂଜା ପାଇଁ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଅରବିନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ରମେଶ କୁମାର ମହାପାତ୍ର। କାର୍ଯ୍ୟକ୍ରମକୁ ସମାଜସେବୀ ନାରାୟଣ ଖୁଣ୍ଟିଆ, ପ୍ରିୟବ୍ରତ ବାରିକ, ସଂଗ୍ରାମ ବଳିଆରସିଂହ ପ୍ରମୁଖ ପରିଚାଳନା କରିଥିଲେ।

**ନିଆରା ବ୍ୟକ୍ତିତ୍ୱ ଗୋପୀମୋହନ**

# ୬୭ ବର୍ଷରେ ଦେଲେଣି ୧୭୧ ଥର ରକ୍ତ




**ଭୁବନେଶ୍ୱର, ୨୧।୨(ସମିସ):** ରକ୍ତ ଦେବାର କୌଣସି ବୟସସୀମା ନଥାଏ। ବିଶେଷକରି ବୟସ ୬୦ ଟପିଲେ ଅଧିକାଂଶ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ରକ୍ତଗ୍ରହଣ କରୁଥିବା ବେଳେ ଏହି ବୟସରେ ରକ୍ତଦାନ କରି ଉଦାହରଣ ପାଲଟିଛନ୍ତି ଗୋପୀମୋହନ ପଟ୍ଟନାୟକ। ଥରେ ନୁହେଁ କି ଦୁଇଥର, ୬୭ ବର୍ଷ ମଧ୍ୟରେ ସେ ୧୭୧ ଥର ରକ୍ତଦାନ କରିସାରିଲେଣି। ଯାହାକି ତାଙ୍କୁ ରକ୍ତଦାନ କ୍ଷେତ୍ରରେ ଏକ ନିଆରା ପରିଚୟ ଦେଇଛି। ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳର ଗୋପୀମୋହନ ନିଜର ପ୍ରତିଟି ରକ୍ତ ବୁନ୍ଦାକୁ ଗରିବ, ଅସହାୟ, ଦୁର୍ଘଟଣାଗ୍ରସ୍ତ, ଥାଲେସେମିଆ ଶିଶୁଙ୍କୁ ସମର୍ପିତ କରିଦେଇଛନ୍ତି। ୧୯୭୬ ମସିହାରୁ ସେ ନିୟମିତ ଭାବେ ରକ୍ତଦାନ କରୁଥିବା କହିଛନ୍ତି। ଲଗାତାର ଭାବେ ୪୮ ବର୍ଷ ହେବ ସେ ବର୍ଷକୁ ୨ଥର ରକ୍ତଦାନ ଶିବିର ଆୟୋଜନ କରିବା ସହ ହସ୍ପିଟାଲ ଶଯ୍ୟାରେ ପଡ଼ି ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ନିକଟରେ ଦେବଦୂତ ହୋଇ ଛିଡ଼ାହୋଇଥାନ୍ତି ସେ। ତେବେ ପ୍ରତିବର୍ଷ ନିଜର ଜନ୍ମଦିନରେ ସାଙ୍ଗସାଥୀ, ସମ୍ପର୍କୀୟଙ୍କୁ ଏକତ୍ରିତ କରାଇ ଭୋଜିଭାତ ବଦଳରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ସେହିପରି ପ୍ରତିବର୍ଷ ବିବାହବାର୍ଷିକୀରେ ମଧ୍ୟ ସମାନ ଭାବେ ନିଜେ ରକ୍ତଦାନ କରିବା ସହ ସମ୍ପର୍କୀୟ ଓ ବନ୍ଧୁମାନଙ୍କୁ ନେଇ ଶିବିର ଆୟୋଜନ କରିଥାନ୍ତି। ମିଶନ ରକ୍ତଦାନ ପକ୍ଷରୁ ରାଜଧାନୀ ଡାକ୍ତରଖାନା ରକ୍ତଭଣ୍ଡାରରେ ଆୟୋଜିତ ରକ୍ତଦାନ ଶିବିରରେ ମଧ୍ୟ ସେ ରକ୍ତଦାନ କରିଥାନ୍ତି। ତାଙ୍କ କହିବା ଅନୁସାରେ, ଯୁବସମାଜ ପାଇଁ ‘ଡୋନେଟ୍ ବ୍ଲଡ୍, ବି ଏ ହିରୋ’ ବାର୍ତ୍ତା ଦେଇଛନ୍ତି। ତେବେ ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ତାଙ୍କୁ ସେଞ୍ଚୁରିଆନ୍ ବ୍ଲଡ୍ ଡୋନର୍ କୁହାଯାଏ। ଏ ପର୍ଯ୍ୟନ୍ତ ଶତାଧିକ ରକ୍ତଦାନ ଶିବିର ସେ ଆୟୋଜନ କରିଥିବା କହିଛନ୍ତି।

# ଆଚାର୍ଯ୍ୟ ହରିହର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୧।୨(ସମିସ):** ସତ୍ୟବାଦୀ ବନ ବିଦ୍ୟାଳୟର ଆଦର୍ଶ ଶିକ୍ଷକ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅନ୍ୟତମ ସହଯୋଗୀ ତଥା ସ୍ୱାଧୀନତା ସଂଗ୍ରାମୀ ଆଚାର୍ଯ୍ୟ ହରିହର ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଚାର୍ଯ୍ୟବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଭାଗବତ ପ୍ରସାଦ ଦାସ, ଶିଶିର କୁମାର ମହାପାତ୍ର, ଆଇନଜୀବୀ ସିଦ୍ଧାର୍ଥ ଦାସଙ୍କ ସମେତ ଆଚାର୍ଯ୍ୟ ବିହାର ପରିଷଦର ବରିଷ୍ଠ ନାଗରିକବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ରାଜଧାନୀ ରାସ୍ତାକଡ଼ରେ ଢେଙ୍କାନାଳ ଓ ଗୋପ ତରଭୁଜ

**ଭୁବନେଶ୍ୱର, ୨୧।୨(ସମିସ):** ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଧ୍ୟ ବଜାରରେ ତରଭୁଜ ବିକ୍ରି କରିବା ଆରମ୍ଭ କଲେଣି। ରାଜଧାନୀର ବିଭିନ୍ନ ଫଳ ଦୋକାନ ବ୍ୟତୀତ ରାସ୍ତା କଡ଼ରେ ବି ବ୍ୟବସାୟୀମାନେ ତରଭୁଜର ଆସର ଜମାଇବା ଆରମ୍ଭ କଲେଣି। ରାମ ମନ୍ଦିର ଛକ, ସିଆରପିଏଫ ଛକ, ଖଣ୍ଡଗିରି ଛକଗୁଡ଼ିକରେ ବିଶେଷତଃ ଏହି ତରଭୁଜ ବିକ୍ରି ହେଉଥିବାର ଦେଖିବାକୁ ମିଳୁଛି। ଏହି ତରଭୁଜ ଅନ୍ୟ ଜିଲ୍ଲା ତଥା ଢେଙ୍କାନାଳ, ଦେବଗଡ଼, ସୁନ୍ଦରଗଡ଼, ଗୋପ ଆଦି ସ୍ଥାନରୁ ରାଜଧାନୀକୁ ଆସିଥାଏ ବୋଲି ଖଣ୍ଡଗିରି ରସ୍ତାରେ ୧୫ ବର୍ଷଧରି ନିଜ ବ୍ୟବସାୟ କରୁଥିବା ବ୍ୟବସାୟୀ କିଶୋର କହିଛନ୍ତି। ଅନ୍ୟ ତରଭୁଜ ଅପେକ୍ଷା ଢେଙ୍କାନାଳ ଓ ଗୋପରୁ ଆସୁଥିବା ତରଭୁଜକୁ ଲୋକ ଅଧିକ ଆଦରୁଥିବାର ଦେଖିବାକୁ ମିଳୁଛି। ଖଣ୍ଡଗିରି ମେଳା ସମୟରୁ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ସାବିତ୍ରୀ ଯାଏଁ ଚାଲିବ ବୋଲି କହିଛନ୍ତି କିଶୋର। ବ୍ୟବସାୟୀମାନେ ବିଭିନ୍ନ ଜିଲ୍ଲାରୁ ଆସୁଥିବା ତରଭୁଜକୁ ଗୋଦାମରୁ କିଣି ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି। କିଲୋ ପିଛା ୧୯ ଟଙ୍କାରେ ଗୋଦାମରୁ କିଣି ବଜାରରେ ୨୫ ଟଙ୍କାରେ ବିକ୍ରି କରନ୍ତି ବୋଲି ସେ କହିଛନ୍ତି। ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଯେଭଳି ଭାବେ ବୃଦ୍ଧି ପାଉଛି ସେହି ଅନୁଯାୟୀ ଗ୍ରାହକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଆଗକୁ ଅନ୍ୟ ଜିଲ୍ଲାର ତରଭୁଜ ବଜାରକୁ ଆସିଲେ ଧୀରେ ଧୀରେ ତାର ମୂଲ୍ୟ ମଧ୍ୟ କମିବାର ସମ୍ଭାବନା ରହିଛି। ସେହିପରି ଗତ କିଛିବର୍ଷ ଧରି ଭୁବନେଶ୍ୱର ବଜାରକୁ ଏବେ ଝାଡ଼ଖଣ୍ଡ ରାଞ୍ଚିର ତରପାରୁ ଏକ ନୂଆ ରଙ୍ଗର ତରଭୁଜ ଆସୁଥିବାର ଦେଖିବାକୁ ମିଳୁଥିଲା। ଏହି ତରଭୁଜ ପାଚିବାପରେ ହଳଦିଆ ରଙ୍ଗର ହୋଇଯାଏ। ହେଲେ ଏହା ଓଡ଼ିଶାରେ ଚାଷ ହେଉ ନଥିବା କାରଣରୁ ଏହାର ଦାମ ନାଲି ତରଭୁଜଠୁ ଟିକେ ଅଧିକ ରହିଛି। ତାର ସ୍ୱାଦ ମଧ୍ୟ ଦେଶୀ ତରଭୁଜ ଭଳି ଲାଗୁ ନ ଥିବାରୁ ଲୋକ ତାକୁ ଏତେ ପସନ୍ଦ କରୁନାହାନ୍ତି। ତେଣୁ ସେ ହଳଦିଆ ତରଭୁଜ ଆଉ ଆଣୁନାହାନ୍ତି ବୋଲି ମତ ଦେଉଛନ୍ତି କିଶୋର।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୯୮ ● ପାଉଣ୍ଡ ୧୦୪.୩୪
- ୟୁରୋ ୮୯.୮ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୩୪୦ (ନୂଆଦିଲ୍ଲୀ)
- ରୁପା : ୭୫,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୬୨୩.୦୦
- ନିଫ୍ଟି ୨୨,୦୫୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ରେଟିଂ ଏଜେନ୍ସିଙ୍କ ପୂର୍ବାନୁମାନ**

# ଜିଡିପିକୁ ଲାଗିବ ଶକ୍ତ ଧକ୍କା, ଧିମେଇବ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୧।୨(ଏଜେନ୍ସି)

ବିଶ୍ୱର ନାମୀ ରେଟିଂ ଏଜେନ୍ସି ମୋର୍ଗାନ୍ ଷ୍ଟାନ୍‌ଲେ ରିସର୍ଚ୍ଚ କରିଥିବା ଆକଳନ ଅନୁଯାୟୀ, ୨୦୨୪ରେ ଭାରତର ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ। ତେବେ ୨୦୨୫ରେ ଜିଡିପି ଅଭିବୃଦ୍ଧି ୬.୫%କୁ ହ୍ରାସ ଘଟିବ। ତେବେ ଅନ୍ୟତମ ରେଟିଂ ଏଜେନ୍ସ ଇକ୍ରା କରିଥିବା ପୂର୍ବାନୁମାନ ଅନୁଯାୟୀ, ୨୦୨୪ର ତୃତୀୟ ତ୍ରୈମାସିକରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅର୍ଥନୀତି ହେବା ନେଇ ରଖାଯାଇଥିବା ଲକ୍ଷ୍ୟ ବେଶ ଆହ୍ୱାନପୂର୍ଣ୍ଣ ହେବ।

୨୦୨୮ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୩୫ ଟ୍ରିଲିୟନ ଡଲାରର ଜିଡିପି ବିଶିଷ୍ଟ ରାଷ୍ଟ୍ରରେ ପରିଣତ ହେବ ଭାରତ। ଏହି ସ୍ୱପ୍ନ ସେତେବେଳେ ପୂରଣ ହେବ ଯେତେବେଳେ ଦେଶର ଆର୍ଥିକ ଅଭିବୃଦ୍ଧରି ଗତିରେ ନୂଆ ଡେଣା ଲାଗିବ। ଏହା ଏପରି ହେବ ଯାହା କି ଆଶାଠାରୁ ଅଧିକ ରହିବ,କିନ୍ତୁ ତୃତୀୟ ତ୍ରୈମାସି ବାସ୍ତବ ଜିଡିପି ଆକଳନ ଆସିବା

## ଶିଳ୍ପ ଓ କୃଷି କ୍ଷେତ୍ରରେ ଅଭିବୃଦ୍ଧିରେ ହ୍ରାସ

## ଭାଙ୍ଗିପାରେ ୨୦୨୮ ସୁଦ୍ଧା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାର ସ୍ୱପ୍ନ!

ଅଭିବୃଦ୍ଧି ହାର ୬ ପ୍ରତିଶତକୁ ହ୍ରାସ ପାଇବ, ଯାହା ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ୭.୬ ପ୍ରତିଶତ ରହିଥିଲା। ମୁଖ୍ୟତଃ ଭାବେ ଶିଳ୍ପ ଓ କୃଷି କ୍ଷେତ୍ରରେ ଅଭିବୃଦ୍ଧିରେ ହ୍ରାସ ଯୋଗୁ ଆଗାମୀ ଦିନରେ ଜିଡିପିକୁ ଏଭଳି ଧକ୍କା ଲାଗିବାକୁ ଯାଉଛି। ଏଭଳି ପରିସ୍ଥିତିରେ ୨୦୨୮ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ ପୂର୍ବରୁ ଏବଂ ବଜେଟ ପରେ ତୃତୀୟ ତ୍ରୈମାସିକ ପାଇଁ ଜିଡିପିର ଆକଳନ ନିଶ୍ଚିତ ଭାବରେ ସରକାରଙ୍କୁ ବଡ଼ ସମସ୍ୟାରେ ପକାଇପାରେ। କ୍ରମାଗତ ଭାବେ ଦୁଇଟି ତ୍ରୈମାସିକ ଧରି ୭ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଦେଖିବା ପରେ ତୃତୀୟ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ଏକ ପ୍ରତିଶତ ହ୍ରାସ ହୋଇପାରେ।




ମୋର୍ଗାନ୍ ଷ୍ଟାନ୍‌ଲେ ରିସର୍ଚ୍ଚ ମତରେ ଭାରତର ଅର୍ଥନୀତିର ଭବିଷ୍ୟତ ଉଜ୍ଜ୍ୱଳ, କିନ୍ତୁ ସମଗ୍ର ବିଶ୍ୱରେ ଘଟୁଥିବା ଘଟଣାବଳୀ ତଥା ମେ' ୨୦୨୪ରେ ନିର୍ବାଚନ ହେବାର ଆଶଙ୍କା ରହିଛି। ଏଜେନ୍ସି କହିଛି ଯେ ଭାରତର ଅର୍ଥନୀତି ପାଇଁ କେତେକ କ୍ଷେତ୍ରରେ ସକାରାତ୍ମକ ଦିଗ ଦୃଶ୍ୟମାନ ହେଉଛି। ରିପୋର୍ଟ ଅନୁଯାୟୀ, ଜାନୁଆରୀ ମାସରେ ଘରୋଇ କ୍ଷେତ୍ରରେ ଚାହିଦା ବଢ଼ିଛି। ଅପରପକ୍ଷେ ମାକ୍ରୋ ଅର୍ଥନୈ ତିକ ସ୍ଥିତି ସ୍ଥିର ରହିଛି। ଏସବୁ ହେତୁ ଭାରତର ଅର୍ଥନୀତି ଆଗକୁ ବଢ଼ିବ, ଯେଉଁମାନେ ଭାରତରେ ନିବେଶ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ଖୁସି ଖବର। ଭାରତର ଜିଡିପି ଅଭିବୃଦ୍ଧି ଭଲ ରହିବ, ଯାହା ୨୦୨୪ର ତୃତୀୟ ତ୍ରୈମାସିକରେ ୬.୫ ପ୍ରତିଶତ ରହିବ। ଯଦିବା ଚଳିତ ଆର୍ଥିକବର୍ଷର ପ୍ରଥମାର୍ଦ୍ଧରେ ଦେଖାଯାଇଥିବା ୭.୭ ପ୍ରତିଶତ ଅଭିବୃଦ୍ଧି ତୁଳନାରେ ଏହା ସାମାନ୍ୟ ମନ୍ଥର। ବ୍ୟାଙ୍କର ଅନୁସନ୍ଧାନକାରୀ ଟିମ୍ ଏହା ମଧ୍ୟ କହିଛନ୍ତି ଯେ ସେବା ରପ୍ତାନି କ୍ଷେତ୍ର ସୁଦୃଢ଼ ରହିବା ତଥା ଖଣିଜ ଦ୍ରବ୍ୟ ବିଶେଷ କରି ତୈଳ ଯୋଗୁଁ ବର୍ତ୍ତମାନର ଚଳନ୍ତି ଖାତା ନିଅଣ୍ଟ କମ୍ ରହିବ ବୋଲି ଆଶା କରାଯାଉଛି। ଅପରପକ୍ଷେ ଅନ୍ୟତମ ଅଗ୍ରଣୀ ରେଟିଂ ଏଜେନ୍ସି ଇକ୍ରା ବୁଧବାର ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ସମ୍ପର୍କରେ ଜିଡିପି ଅଭିବୃଦ୍ଧି ହାର ନେଇ ଏହାର ଆକଳନ ରିପୋର୍ଟ ପ୍ରକାଶ କରିଛି। ଇକ୍ରା ଏହାର ଆକଳନରେ କହିଛି ଯେ , ଦ୍ୱିତୀୟ ତ୍ରୈମାସିକର ୭.୬ ପ୍ରତିଶତ ତୁଳନାରେ ତୃତୀୟ ତ୍ରୈମାସିକରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬ ପ୍ରତିଶତକୁ ହ୍ରାସ ଘଟିବ। ଏହା ସହିତ ଏଜେନ୍ସି କହିଛି ଯେ ୨୦୨୩-୨୪ର ଅକ୍ଟୋବର-ଡିସେମ୍ବର ମଧ୍ୟରେ ଜିଭିଏ ଅଭିବୃଦ୍ଧି ୬ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଥିବାବେଳେ ଗତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଏହା ୭.୪ ପ୍ରତିଶତ ରହିଥିଲା। ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି ଯେ ଶିଳ୍ପ କ୍ଷେତ୍ରରେ ସ୍ୱଳ୍ପ ଅଭିବୃଦ୍ଧି, ପୁଞ୍ଜି ବିନିଯୋଗ କାର୍ଯ୍ୟକଳାପର କିଛି ସୂଚକାଙ୍କରେ ମନ୍ଥର ଗତି, ସରକାରୀ ଖର୍ଚ୍ଚରେ ମନ୍ଥରତା ଏବଂ ମୌସୁମୀର ପ୍ରଭାବ, ଡିସେମ୍ବର ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୬ ପ୍ରତିଶତ ରହିବା ବୋଲି ଆଶା କରାଯାଉଛି।

### ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ହେଲେ ...

## ତିନି ଦଶନ୍ଧୀ ଯାଏ ୧୦% ଅଭିବୃଦ୍ଧି ହାସଲ ଜରୁରୀ:ଅମିତାଭ କାନ୍ତ

**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):** ୨୦୨୭ ସୁଦ୍ଧା ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି। ତେବେ ଲକ୍ଷ୍ୟ ଏବେ ବଶେ କଷ୍ଟକର ମନେହୁଏ । ଏ ସମ୍ପର୍କରେ ଜି -୨୦ରେ ଭାରତର ଭାରତର ଶେର୍‌ପା ଅମିତାଭ କାନ୍ତ ବୁଧବାର କହିଛନ୍ତି ଯେ ତୃତୀୟ ବୃହତ୍ତମ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ର ଏବଂ ୨୦୪୭ ସୁଦ୍ଧା ୩୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ ହେବା ପାଇଁ ଭାରତକୁ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରିବା ଆବଶ୍ୟକ। ସେ କହିଛନ୍ତି ଯେ ଲକ୍ଷ୍ୟ ହାସଲ କରିବା ପାଇଁ ଆସନ୍ତା ତିନି ଦଶନ୍ଧି ମଧ୍ୟରେ ଭାରତ ବାର୍ଷିକ ୯-୧୦ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିବା ଆବଶ୍ୟକ। ସେ କହିଛନ୍ତି ଯେ ୨୦୨୭ ସୁଦ୍ଧା ଭାରତ ବିଶ୍ୱର ଏକ ବଡ଼ ଅର୍ଥନୀତି ହେବ। ବର୍ତ୍ତମାନ, ଜାପାନ, ବ୍ରିଟେନ ଏବଂ ଜର୍ମାନୀ ସମସ୍ତେ ଆର୍ଥିକ ମାନ୍ଦାବସ୍ଥାକୁ ଯାଉଛନ୍ତି, ଆମେ ଏହି କାର୍ଯ୍ୟକୁ ଶୀଘ୍ର କରିବାକୁ ସମର୍ଥ ହେବା ଉଚିତ। ବର୍ତ୍ତମାନର ମୂଲ୍ୟରେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଭାରତୀୟ ଅର୍ଥନୀତିର ଆକାର ପ୍ରାୟ ୩.୬ ଟ୍ରିଲିୟନ ଡଲାର ହେବ ବୋଲି



ଆକଳନ କରାଯାଇଛି। ପୂର୍ବତନ ନୀତି ଆୟୋଗ ମୁଖ୍ୟ ଶ୍ରୀ କାନ୍ତ କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ସମସ୍ତ ଉଦ୍ଭାବନ ଗୁଗୁଲ୍, ଫେସବୁକ୍, ଆମାଜନ ଏବଂ ଆପଲ୍ ଭଳି କମ୍ପାନୀରୁ ଆସିଛି। ଅପରପକ୍ଷେ, ଭାରତ ଡିଜିଟାଲ ଜନସାଧାରଣ ଭିତ୍ତିଭୂମିର ଶକ୍ତି ପ୍ରଦର୍ଶନ କରିଛି। ୨୦୪୭ ସୁଦ୍ଧା ଭାରତ ବିଶ୍ୱର ସ୍ୱଚ୍ଛ ଶକ୍ତି ରପ୍ତାନିକାରୀ ଭାବରେ ଉଭା ହେବା ଉଚିତ। ସେ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଶସ୍ତା ଶକ୍ତି ଉତ୍ପାଦନକାରୀ, ସବୁଜ ହାଇଡ୍ରୋଜେନର ଶସ୍ତା ରପ୍ତାନିକାରୀ ତଥା ଏହାର ତରଳ ଫର୍ମ ଆମୋନିଆ ତଥା ଇଲେକ୍ଟ୍ରୋଲାଇଜରର ବଡ଼ ଉତ୍ପାଦନକାରୀ ହେବା।

## ଡାଲମିଆ ସିମେଣ୍ଟ ନୂଆ ପ୍ରଚାର ଅଭିଯାନ 'ଆର୍‌ସିଏଫ୍ ଷ୍ଟ୍ରଙ୍ଗ ତୋ ଘର ଷ୍ଟ୍ରଙ୍ଗ'

**ଭୁବନେଶ୍ୱର, ୨୧।୨(ସିମସ):** ବାସଗୃହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ଯଥା: ରୁଫ୍ କଲମ୍ ଫାଉଣ୍ଡେସନରେ ସିମେଣ୍ଟର ସଠିକ ବ୍ୟବହାର କ୍ଷେତ୍ରରେ ଗ୍ରାହକଙ୍କୁ ମାର୍ଗଦର୍ଶନ ଓ ସହାୟତା କରିବାକୁ ଡାଲମିଆ ସିମେଣ୍ଟ ତାହାର ନୂଆ ପ୍ରଚାର ଅଭିଯାନ 'ଆର୍‌ସିଏଫ୍ ଷ୍ଟ୍ରଙ୍ଗ ତୋ ଘର୍ ଷ୍ଟ୍ରଙ୍ଗ' ସହିତ ନିଜର ବ୍ରାଣ୍ଡ ଅଗ୍ରାଧିକାରତାରେ ବୈଷୟିକଗତ ସ୍ଥାନାନ୍ତରଣ ଆଣୁଛି। ନୂଆ ଗ୍ରାହକ କୈନ୍ଦ୍ରିକ ବାର୍ତ୍ତା ବାସଗୃହ ନିର୍ମାତା ଓ ଠିକାଦାରଙ୍କ ମଧ୍ୟରେ ସଠିକ ସିମେଣ୍ଟ ପସନ୍ଦ କରିବା, ଏହାକୁ ସଠିକ ଉପାୟରେ ବ୍ୟବହାର କରିବା ଏବଂ ସେମାନଙ୍କର ସ୍ୱପ୍ନର ବାସଗୃହ ନିର୍ମାଣ ନିମନ୍ତେ ସର୍ବୋତ୍ତମ ନିର୍ମାଣ କାର୍ଯ୍ୟାଭ୍ୟାସ ଅନୁସରଣ କରିବା ସକାଶେ ସଚେତନତା ସୃଷ୍ଟି ନିମନ୍ତେ ଲକ୍ଷ୍ୟ ରଖୁଛି। ଡାଲମିଆ ସିମେଣ୍ଟକୁ 'ଆର୍‌ସିଏଫ ଏକ୍ସପର୍ଟ' ଭାବରେ ମଜଭୁତ ଭାବରେ ଅବସ୍ଥାପିତ କରିବାକୁ ଥିବା ପ୍ରଚାର ଅଭିଯାନରେ ସୁପରଷ୍ଟାର୍ ରଣବୀର ସିଂଙ୍କୁ ଦେଖିବାକୁ ମିଳିବ। ଏ ସମ୍ପର୍କରେ ମତ ଦେଇ ଡାଲମିଆ ଭାରତ ଲିମିଟେଡର ଏମ୍‌ଡି ଓ ସିଇଓ ପୁନିତ ଡାଲମିଆ କହିଛନ୍ତି, ବିଗତ ୮ ଦଶନ୍ଧିରେ ଆମର ଚମକଦାର ଯାତ୍ରା କାଳରେ ଡାଲମିଆ ସିମେଣ୍ଟ ଆମ ରାଷ୍ଟ୍ରକୁ ମୂଳରୁ ଗଢିତୋଳିବା ସକାଶେ କାନ୍ଧକୁ କାନ୍ଧ ମିଳାଇ ଛିଡା ହୋଇଛି ।



**ଜୁନ୍‌ରେ ମୁଦ୍ରାନୀତି କମିଟି ବୈଠକ**

## ମୋର୍ଗାନ୍ ଷ୍ଟାନ୍‌ଲେର ପୂର୍ବାନୁମାନ: ଏଥର କମିବ ସୁଧହାର

**ନୂଆଦିଲ୍ଲୀ,୨୧।୨(ଏଜେନ୍ସି):** କମିଲା ମୁଦ୍ରାସ୍ଫୀତି। ଆଗକୁ ହ୍ରାସ ହେବ ସୁଧହାର। ତେବେ ମିଳିଥିବା ସୂଚନା ମୁତାବକ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଜୁନ୍ ମାସରୁ ସୁଧହାର ହ୍ରାସ କରିବା ଆରମ୍ଭ କରିବ। କାରଣ ଦୀର୍ଘ ଦିନ ଧରି ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ରହିବା ପରେ ଏବେ ତଳକୁ ଖସିବା ଆରମ୍ଭ ହୋଇଛି। ବର୍ତ୍ତମାନ ସମୟରେ ଉଭୟ ଖୁଚୁରା ଏବଂ ପାଇକାରୀ ମୁଦ୍ରାସ୍ଫୀତି ପରିଚାଳନା ସ୍ତରରେ ରହିବ। ତେଣୁ ଆସନ୍ତା ଜୁନ୍‌ରେ ବସିବାକୁ ଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାର ବା ପ୍ରମୁଖ



ସୁଧହାରରେ ହ୍ରାସ ଘଟାଇବା ନେଇ ନିଷ୍ପତ୍ତି ନେଇପାରେ ବୋଲି ରେଟିଂ ଏଜେନ୍ସି ନଜରରେ ମୋର୍ଗାନ ଷ୍ଟାନ୍‌ଲେ କହିଛି। ମୋର୍ଗାନ ଷ୍ଟାନ୍‌ଲେ ଏକ ରିପୋର୍ଟରେ କହିଛି ଯେ, ଆରବିଆଇ ଜୁନ୍‌ରୁ ରେପୋ ହାରକୁ ୫୦ ବେସିସ୍ ପଏଣ୍ଟ ହ୍ରାସ କରିବା ଆରମ୍ଭ କରିପାରିବ। ଜାନୁୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ତିନି ମାସର ସର୍ବନିମ୍ନ ୫.୧ ପ୍ରତିଶତକୁ ଖସିଆସିଛି,ଯାହା ୫.୭ ପ୍ରତିଶତ ରହିଥିଲା। ତେବେ ରିଜର୍ଭ ବ୍ୟାଙ୍କର ଟାର୍ଗେଟରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୨ରୁ ୬ ପ୍ରତିଶତ ମଧ୍ୟରେ ରହିଛି। ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ରେପୋ ହାର ହ୍ରାସ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ବିଚାର କରିପାରେ। ବିକଶିତ ଅର୍ଥନୀତି ସମେତ ଅନେକ ଦେଶ ପାଇଁ ମୁଦ୍ରାସ୍ଫୀତି ଚିନ୍ତାର ବିଷୟ ପାଲଟିଛି, କିନ୍ତୁ ଭାରତ ଏହାର ମୁଦ୍ରାସ୍ଫୀତିକୁ ବହୁ ପରିମାଣରେ ପରିଚାଳନା କରିବାରେ ସଫଳ ହୋଇଛି।

## ଅଙ୍କୁରା ହସ୍ପିଟାଲ ଉଦ୍‌ଘାଟିତ




ଭୁବନେଶ୍ୱର, ୨୧।୨(ସମିସ): ହାଇଦ୍ରାବାଦସ୍ଥିତ ମହିଳା ଓ ଶିଶୁ ହସ୍‌ପିଟାଲ ଅଙ୍କୁରା ହସପିଟାଲ ଭୁବନେଶ୍ୱରରେ ଏହାର ଏହି ୧୨୦ ଶଯ୍ୟା ବିଶିଷ୍ଟ ହସପିଟାଲ ଖୋଲିଛି। ଏହି ୧୨୦ ଶଯ୍ୟା ବିଶିଷ୍ଟ ହସପିଟାଲ୍‌ରେ ଉଚ୍ଚ ଆପଦପୂର୍ଣ୍ଣ ଶିଶୁ, ପ୍ରେଡିଆଟ୍ରିକ ଗ୍ୟାଷ୍ଟ୍ରୋ, ଏଣ୍ଡୋଲୋଜି, ଶିଶୁ ସ୍ନାୟବିକ ବିଜ୍ଞାନ, ଅର୍ଥୋପେଡିକ୍ସ, କ୍ୟାନସର ଚିକିତ୍ସା ଓ ଜରୁରୀକାଳୀନ ଚିକିତ୍ସା ସବୁିଧା ରହିଛି। ଏହି ହସପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ବିଶେଷ ସୁବିଧା ଯୋଗାଇବା ସହ ଗୁଣତ୍ମକ ସେବା ଯୋଗାଇବାକୁ ଲକ୍ଷ୍ୟ ନାହିଁ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା , ସାଂସଦ ଅମର ପଟ୍ଟନାୟକ ,ସମ୍ମାନିତ ଅତିଥି-ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ କର୍ପୋରେଟ କବିତା ସ୍ୱାଇଁ, ନିର୍ଦ୍ଦେଶକ (ଗ୍ରାମ୍ୟବିକାଶ) ନିଖିଳ ପବନ କଲ୍ୟାଣ, ଲଭୁ ଶ୍ରୀ କ୍ରିଷନ ଦେବରାୟାଲୁ ମାନ୍ୟବର ଏମପି ଓ ଡ.କ୍ରିଷନ ପ୍ରସାଦ ଭୁନାମ ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ, ଅଙ୍କୁରା ହସପିଟାଲ ପ୍ରମୁଖ ଉପସ୍ଥିତ ଥିଲେ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଅଭିଜ୍ଞତା ଓ ଭାରତର ତିନୋଟି ରାଜ୍ୟରେ ୧୪ ଟି କେନ୍ଦ୍ରରେ ଅଙ୍କୁରା ହସପିଟାଲ ମହିଳା ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶ୍ୱସନୀୟତା ଅର୍ଜନ କରିପାରିଛି।

## ହରିହାଟ ମହୋତ୍ସବରେ ଫ୍ରିଡମ୍ ଷ୍ଟଲ୍

**ଭୁବନେଶ୍ୱର,୨୧।୨(ସମିସ):** ଯାଜପୁର କୋରେଇ ବ୍ଲକ୍ ଅନ୍ତର୍ଗତ ଷଠୀପୁରଠାରେ ହରିହାଟ ମହୋତ୍ସବରେ ଘରକରଣା ସାମଗ୍ରୀ ସାଙ୍ଗକୁ, ମିନା ବଜାର ଏବଂ ସୁସ୍ୱାଦୁ ଖାଦ୍ୟପେୟ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରୁଥିବା ବେଳେ ଗୃହିଣୀଙ୍କ ପ୍ରଥମ ପସନ୍ଦ ଭାରତ ବର୍ଷର ଏକ ନମ୍ବର ଖାଇବା ତେଲ ଫ୍ରିଡମ୍ ଷ୍ଟଲ୍ ଉପରେ ରହିଛି। ଫ୍ରିଡମ୍ ଷ୍ଟଲର ଉଦଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ଅଶୋକ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, କୋରଡ଼ା ସରପଞ୍ଚ ଅନିମା ମଲ୍ଲିକ, ସମିତିସଭ୍ୟ ପଙ୍କଜିନି ସାହୁ, ପଥରପଡା ସରପଞ୍ଚ ମଧୁସ୍ମିତା ବାରିକ, ସମିତିସଭ୍ୟ ସରସ୍ୱତୀ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ନଳିନୀପ୍ରଭା ଜେନା, ହରିହାଟ ମେଳା କମିଟିର ସଭାପତି ଚିନ୍ତାମଣି ବେହେରା, ସମ୍ପାଦକ ଗଣେଶ ପ୍ରସାଦ ସାହୁ, ମହୋତ୍ସବ କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଫ୍ରିଡମ୍ ଏହି ମହୋତ୍ସବକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ସହ ଭାଗିଦାରିତାର ହାତ ବଢ଼ାଇଥିଲା। ଫ୍ରିଡମର ସମସ୍ତ ପ୍ରକାରର ତେଲ ସୁଲଭ ମୂଲ୍ୟରେ ମିଳୁଥିବା ବେଳେ ବଜାରକୁ ନୂତନ ଭାବେ ଆସିଥିବା ୫ ଲିଟର କଚିଘନୀ ସୋରିଷ ତେଲର ଜାରଟି ଗ୍ରାମାଞ୍ଚଳର ଗୃହିଣୀଙ୍କୁ ବେଶ୍ ଆକର୍ଷିତ କରୁଛି ବୋଲି ଫ୍ରିଡମ୍ କମ୍ପାନୀର ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଫ୍ରିଡମ୍ କମ୍ପାନୀର ବିତରକ ପ୍ରଦୀପ କୁମାର ନନ୍ଦ ଏବଂ କର୍ମକର୍ତ୍ତା ଭାଗ୍ୟ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




## ଜିକିତ୍ସା ହେଲ୍‌ଥକେୟାର ସୁନ୍ଦରଗଡ଼ରେ ମହାପ୍ରୟାଣ ଗାଡ଼ିର ପରିଚାଳନା କରିବ

**ଭୁବନେଶ୍ୱର,୨୧।୨(ସିମସ):** ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ (ଜେଡ୍‌ଏଚ୍‌ଏଲ୍) ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ବାହାରେ ଓଡିଶାରେ ନିଜର ସେବାଗୁଡ଼ିକୁ ବିସ୍ତାର କରିଛି। ସୁନ୍ଦରଗଡ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ପକ୍ଷରୁ ମହାପ୍ରୟାଣ ଗାଡି ପ୍ରଦାନ କରିବା ଓ ତାହାର ପରିଚାଳନା କରିବା ପାଇଁ ଜେଡ୍‌ଏଚ୍‌ଏଲକୁ ନିଯୁକ୍ତ କରାଯାଇଛି। ଏହି ସହଭାଗିତା ସୁନ୍ଦରଗଡ ଜିଲ୍ଲାରେ ଆର୍ଥିକ ରୂପେ ଦୁର୍ବଳ ପରିବାରଗୁଡିକ ପାଇଁ ମୃତ ବ୍ୟକ୍ତିଙ୍କ ପରିବହନ ଲାଗି ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ବିଗତ ଏକ ଦଶନ୍ଧି ହେବ ଜେଡ୍‌ଏଚ୍‌ଏଲ ରାଜ୍ୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନରେ ଆଗଧାଡିରେ ରହିଆସିଛି, ଯାହା ସଫଳତାର ସହ ୧୦୮ ଆମ୍ବୁଲାନ୍ସ ସେବାର ପରିଚାଳନା କରୁଛି। ସମାନ ସେବାଗୁଡିକର ଅନୁଭୂତିକୁ ଜିଲ୍ଲା ମଧ୍ୟରେ ୧୫ଟି ମହାପ୍ରୟାଣ ଗାଡିର ପରିଚାଳନାକୁ ବାଧାମୁକ୍ତ ଭାବେ ସ୍ଥାନାନ୍ତରଣ କରାଯାଇଛି। ମୃତ ବ୍ୟକ୍ତିଙ୍କୁ ସେମାନଙ୍କ ଅଞ୍ଚଳକୁ ପରିବହନ କରିବା ପାଇଁ ଉତ୍ସର୍ଗୀକୃତ ଏହି ଯାନଗୁଡିକ ଗତ ଏକ ମାସ ମଧ୍ୟରେ ୧୭୫ଟି ପରିବାର ପାଇଁ ଏହି ମହତ୍ କାର୍ଯ୍ୟ କରିଛନ୍ତି। ଅଗଷ୍ଟ ୨୦୧୬ରେ ଆରମ୍ଭ ହୋଇଥିବା ସରକାରଙ୍କ ମହାପ୍ରୟାଣ ଯୋଜନା ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ମାଗଣା ଶବ ପରିବହନ ସେବା ପ୍ରଦାନ କରିବା ଜାରି ରଖିଛି। ସୁନ୍ଦରଗଡ ଜିଲ୍ଲାର ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍‌ଏଫ୍) ର ଜେଡ୍‌ଏଚ୍‌ଏଲ୍ ସହ ଏହି ସହଭାଗିତା ବିଶେଷ କରି ସୁନ୍ଦରଗଡ ଜିଲ୍ଲାରେ ଏହି ସେବାର ଦକ୍ଷତା ଓ ସମ୍ମାନ ବୃଦ୍ଧି କରିବାକୁ




ଲକ୍ଷ୍ୟ ରଖିଛି। ବର୍ଷ ବର୍ଷ ଧରି ଜରୁରୀକାଳିନ ସ୍ୱାସ୍ଥ୍ୟସେବା ପରିସ୍ଥିତିଗୁଡିକର ପରିଚାଳନାରୁ ମିଳିଥିବା ଅଭିଜ୍ଞତା ଅତ୍ୟାଧୁନିକ ଭିତିଭୂମି ସହ ଜଡିତ ରହିଛି ଏବଂ ମୃତ ବ୍ୟକ୍ତିଙ୍କ ସମ୍ମାନଜନକ ପରିବହନ ସୁନିଶ୍ଚିତ କରିବା କ୍ଷେତ୍ରରେ ଏକ ମୂଲ୍ୟବାନ ସହଯୋଗୀ ଭାବେ ଜେଡଏଚଏଲକୁ ଉପସ୍ଥାପିତ କରିଛି।

**ଧନୀଙ୍କ ଟିକସ ସଞ୍ଚୟ ତରିକା**

# କେମିତି ନେଇଥାନ୍ତି ଟିକସ ରିଆତି...

ନୂଆଦିଲ୍ଲୀ,୨୧।୨(ଏଜେନ୍ସି):

ବର୍ତ୍ତମାନ ସେହି ସମୟ ଯେତେବେଳେ ଆପଣ ନିଜର ଆୟକର ହିସାବରେ ବ୍ୟସ୍ତ ରହୁଥିବେ। କେଉଁଠାରେ ଟଙ୍କା ବିନିଯୋଗ କରିବେ କିମ୍ବା ଆପଣଙ୍କ ଟଙ୍କାର କିପରି ହିସାବ ଦେବେ ଯାହା ଦ୍ୱାରା ଆପଣ ପୁରୁଣା ଟିକସ ବ୍ୟବସ୍ଥାରେ ସର୍ବାଧିକ ଟିକସ ସଞ୍ଚୟ କରିପାରିବେ। ଆପଣ କେବେ ଅରବପତିମାନେ କୋଟି କୋଟି ଟଙ୍କା କାହିଁକି ଦାନ ଆକାରରେ ଦେଇଥାନ୍ତି। ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠି ମାଧ୍ୟମରେ ବିପର୍ଯ୍ୟୟ ସମୟରେ ଧନୀ ଲୋକମାନେ କାହିଁକି ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। ଏହା ପଛରେ ଏକ ବଡ଼ କାରଣ ହେଉଛି ଆୟକର ସଞ୍ଚୟ କରିବା। ଆୟକର ଅଧିନିୟମର ଧାରା ୮୦-ଜି ଏବଂ ଏହାର ଅନ୍ୟାନ୍ୟ ଭାଗ ଲୋକଙ୍କୁ ବିଭିନ୍ନ ପ୍ରକାରର

## ରାମ ମନ୍ଦିରକୁ ଦାନ ଟିକସ ସଞ୍ଚୟ ବର୍ଗ ଅନ୍ତର୍ଭୁକ୍ତ

ଚିନ୍ତା କରିଛନ୍ତି କି ଧନୀ ଲୋକମାନେ ସେମାନଙ୍କର ଆୟକର କିପରି ସଞ୍ଚୟ କରିଥାନ୍ତି। ତେବେ କେଉଁ ଉପକରଣଗୁଡ଼ିକ ଯେଉଁଠାରେ ଆପଣ ଆୟକର କ୍ଷେତ୍ରରେ ଶତପ୍ରତିଶତ ରିହାତି ପାଇପାରିବେ। ଆୟକର ଅଧିନିୟମରେ ଏପରି ଅନେକ ବ୍ୟବସ୍ଥା ରହିଛି, ଯେଉଁଠାରେ ଆପଣ ୧୦୦ ପ୍ରତିଶତ ରାଶି ଉପରେ ଟିକସ ଛାଡ ପାଇବେ। ଏହାଛଡା ଆପଣ କେବେ ଚିନ୍ତା କରିଛନ୍ତି କି ଅତି ଧନୀ ବା ଦାନ ଉପରେ ୫୦ ରୁ ୧୦୦ ପ୍ରତିଶତ ଟିକସ ଛାଡ ସୁବିଧା ପ୍ରଦାନ କରିଥାଏ।

ଏହି ସ୍ଥାନଗୁଡିକରେ ୧୦୦% ଟିକସ ଛାଡ ଉପଲବ୍ଧ

ଦେଶରେ ଅନେକ ସରକାରୀ ପାଣ୍ଠି, ଘରୋଇ ଟ୍ରଷ୍ଟ କିମ୍ବା ପାଣ୍ଠି ରହିଛି ଯେଉଁଠାରେ ଦାନ କରାଯାଇଥିବା ଅର୍ଥ ସମ୍ପୂର୍ଣ୍ଣ ଟିକସମୁକ୍ତ। ଏହାର ଅର୍ଥ ହେଉଛି ଯେ ଆପଣ ଏହି ପାଣ୍ଠିରୁ ଯାହାକିଛି ଦାନ କରନ୍ତି, ସେହି ପରିମାଣର ଅର୍ଥ ଆପଣଙ୍କ ଟିକସଯୋଗ୍ୟ ଆୟରୁ ହ୍ରାସ ପାଇଥାଏ ଏବଂ ସମ୍ପୂର୍ଣ୍ଣ ଆୟକର ମୁକ୍ତ ରହିଥାଏ। ଦେଶର ଏହି ପ୍ରକାରର ଏକ ବଡ଼ ପାଣ୍ଠି ହେଉଛି ‹ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ଯେଉଁଥିରେ ଦାନ ହେଉଛି ସମ୍ପୂର୍ଣ୍ଣ କର ମୁକ୍ତ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ଲିଟ୍ୟୁନାଣ୍ଟ ଗଭର୍ଣ୍ଣର ରିଲିଫ୍ ପାଣ୍ଠି, ଜାତୀୟ ପ୍ରତିରକ୍ଷା ପାଣ୍ଠି, ଜାତୀୟ ଶିଶୁ ପାଣ୍ଠି, ସାମ୍ପ୍ରଦାୟିକ ସମନ୍ୱୟ ପାଇଁ ଜାତୀୟ ଫାଉଣ୍ଡେସନ୍, ସ୍ୱଚ୍ଛ ଗଙ୍ଗା ପାଣ୍ଠି, ଜାତୀୟ କ୍ରୀଡ଼ା ପାଣ୍ଠି ଏବଂ ଜାତୀୟ ସାଂସ୍କୃତିକ ପାଣ୍ଠି ପରି ଟ୍ରଷ୍ଟ କିମ୍ବା ପାଣ୍ଠିକୁ ଦାନ ଟିକସ କୁମକ୍ତ।




ରାମ ମନ୍ଦିରକୁ ଦିଆଯାଇଥିବା ଦାନ ଉପରେ ଟ୍ୟାକ୍ସ ମଧ୍ୟ ସଞ୍ଚୟ ହେବ: ନିକଟରେ ଆପଣ ନିଶ୍ଚିତ ଭାବରେ ଶୁଣିଥିବେ ଯେ ମୁକେଶ ଅମ୍ବାନୀ ଅଯୋଧ୍ୟା ରାମ ମନ୍ଦିର ପାଇଁ ୨.୫୧ କୋଟି ଟଙ୍କା ଦାନ କରିଛନ୍ତି। ଆପଣ ଜାଣନ୍ତି କି ଯଦି ଆପଣ ରାମ ମନ୍ଦିରକୁ ମଧ୍ୟ ଦାନ କରନ୍ତି, ତେବେ ଦାନ କରାଯାଇଥିବା ଅର୍ଥର ୫୦ ପ୍ରତିଶତ ଟିକସମୁକ୍ତ ହେବ। ରାମ ମନ୍ଦିର ପରିଚାଳନା କରୁଥିବା ଟ୍ରଷ୍ଟ ୫୦ ପ୍ରତିଶତ ଟିକସ ଛାଡ ବର୍ଗରେ ଆସିଥାଏ। ଯଦି ଆପଣ ଦାନ ଉପରେ ଟିକସ ରିଆତିପାଇବାକୁ ଚାହୁଁଛନ୍ତି, ତେବେ ଆପଣ କେବଳ ୨୦୦୦ ଟଙ୍କା ପର୍ଯ୍ୟନ୍ତ ନଗଦ ଟଙ୍କା ଦାନ କରିପାରିବେ। ଏହାଠାରୁ ଅଧିକ ଦାନ ପାଇଁ, ଆପଣ ଚେକ୍, ଡିଡି କିମ୍ବା ଅନଲାଇନ୍ ମାଧ୍ୟମରେ ଅର୍ଥ ସ୍ଥାନାନ୍ତର କରିପାରିବେ। ଦାନ ଉପରେ ଟିକସ ରିଆତି ପାଇବାକୁ ହେଲେ , ଆପଣଙ୍କୁ ଆଇଟିଆର୍‌ରେ ନିଶ୍ଚିତ ରସିଦ ଦେଖାଇବାକୁ ପଡିବ। ଏହି ରସିଦରେ ପାନ କାର୍ଡ ଏବଂ ଦାନ ପ୍ରାପ୍ତକାରୀଙ୍କ ପଞ୍ଜୀକରଣ ନମ୍ବର ରହିବା ଉଚିତ୍। ଆପଣ ଦାନ ଉପରେ କେତେ ଟିକସ ଛାଡ ପାଇବେ ତାହା କେବଳ ସେହି ଅନୁଷ୍ଠାନର ପଞ୍ଜୀକରଣ ବର୍ଗ, ଟ୍ରଷ୍ଟ କିମ୍ବା ପାଣ୍ଠିରୁ ଜଣାପଡିପାରେ, ଯାହା ବିଷୟରେ ଆପଣ ଦାନ କରିବା ପୂର୍ବରୁ ସୂଚନା ପାଇପାରିବେ।

